## ସଂକ୍ଷେପରେ

### ଲାୟନ୍ସ କ୍ଲବ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ଲାଷ୍ଟିକ୍ ବର୍ଜନ ଶୋଭାଯାତ୍ରା

ସୋରଡା,୨୯।୯(ଡି.ଏନ୍.ଏ.): ସ୍ଥାନୀୟ ଲାୟନ୍ସ କ୍ଲବ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ୍ ବର୍ଜନ କରିବାକୁ ଅନୁରୋଧ କରିଛନ୍ତି। ଶନିବାର ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସଭାରେ ଏବିଡିଓ ସୁଶୀଲ କୁମାର ପଟ୍ଟନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଲାୟନ୍ସ କ୍ଲବର ଶିବଶଙ୍କର ପଣ୍ଡା, ଚିନାରୀ ପ୍ରଶାନ୍ତ ପାତ୍ର, ସରୋଜ ପାତ୍ର, ମହେଶ୍ୱର ସାହୁ, ଶ୍ରୀକାନ୍ତ ଦାଶ, ପ୍ରଫୁଲ୍ଲ ମହାଙ୍କୁଡ, ସନ୍ତୋଷ ଚୌଧୁରୀ, ଶିବ ଦାଶ ପ୍ରମୁଖ ଯୋଗଦେଇ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ପ୍ଲାଷ୍ଟିକ୍ ବର୍ଜନ ପାଇଁ ସଚେତନତା କରିବାକୁ କହିଥିଲେ। ଆୟୋଜିତ ମିଳିତ ସଚେତନତା ଶୋଭାଯାତ୍ରାକୁ ଏବିଡିଓ ସୁଶୀଲ କୁମାର ପଟ୍ଟନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

### ୨୩୦ ହିତାଧିକାରୀଙ୍କୁ ଘରବାରି ପଟ୍ଟା ବଣ୍ଟନ

କନିଷି,୨୯।୯(ଡି.ଏନ.ଏ.): ରଙ୍ଗେଇଲୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ପାଞ୍ଚଦିନ ବ୍ୟାପି ସହଯୋଗିତା କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ଗୁରୁବାର ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ୨୩୦ ଗରିବ ହିତାଧିକାରୀଙ୍କୁ କନିଷି ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗ୍ରାମକଣ୍ଠ ଓ ଘରବାରି ପଟ୍ଟା ବଣ୍ଟନ କରାଯାଇଥିଲା। ଏଥିରେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ସିଏଚ ଉଷାରାଣୀ, ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ଦାଶ, କନିଷି ତହସିଲଦାର ଡ଼ଃ. ଶରତ ଚନ୍ଦ୍ର ମହାପାତ୍ର, ବିଡିଓ କୁମାର ନାଗଭୂଷଣ, ଏବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, କନିଷି ତହସିଲ ସୁପରଭାଇଜର ସନାତନ ଦଣ୍ଡଙ୍କ ସମେତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ରାଜସ୍ୱ ନିରୀକ୍ଷକ ଓ ବ୍ଲକ କର୍ମଚାରୀମାନେ ଯୋଗ ଦେଇଥିଲେ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ହିଞ୍ଜିଳିକାଟୁ,୨୯।୯(ଡ଼ି.ଏନ୍.ଏ.): ହିଞ୍ଜିଳିକାଟୁ ବ୍ଲକ ଶାସନ ଆମ୍ଭଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପରିଚାଳନା କମିଟି ବୈଠକ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ଉପ ଜିଲାପାଳ ଦେବବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷ ଏନ. ରଘୁନାଥ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ହିଞ୍ଜିଳିକାଟୁ ବିଇଓ ଉମା ଚରଣ ତ୍ରିପାଠୀ, ଶେରଗଡ଼ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତିରଞ୍ଜନ ବେହେରା, ସାଉଥକୋ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ଦାଶ, କମିଟି ସଦସ୍ୟ ହେମନ୍ତ କୁମାର ପାଢ଼ୀ, ମନୋଜ କୁମାର ସେଠି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୈଠକରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଯଥା ଛାତ୍ରୀ ମାନଙ୍କ ନିମନ୍ତେ ୧୦୦ସିଟ ହଷ୍ଟେଲ କାର୍ଯ୍ୟକାରୀ, ଶିକ୍ଷକଙ୍କ ନିଯୁକ୍ତ, ଛାତ୍ରୀଛାତ୍ରଙ୍କ ଯାତାୟତ ନିମନ୍ତେ ସ୍କୁଲବସ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ପଦ୍ମିନୀ ବାରିକ, ପ୍ରିୟଦର୍ଶନୀ ସାହୁ, ସାରସୀ ଦାସ, ସ୍ୱର୍ଣ୍ଣଲତା ଦାସ, ଶିକ୍ଷକ ଅମ୍ବିକା ପ୍ରସାଦ ସାହୁ ଓ ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

### ଧରାକୋଟରେ ଆଇନଜୀବୀଙ୍କ ବୈଠକ

ଧରାକୋଟ,୨୯।୯(ଡି.ଏନ୍.ଏ.): ଧରାକୋଟସ୍ଥିତ କୃଷ୍ଣ ସିଂହ ପାଠାଗାର ପରିସରରେ ଆଇନଜୀବୀମାନଙ୍କର ଏକ ବୈଠକ ଶ୍ରୀଧରସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଧରାକୋଟରେ ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା, ଆଞ୍ଚଳିକ ସମସ୍ୟା ବିଷୟରେ ଆଲୋଚନା କରାଯାଇ ତୁରନ୍ତ ଏହାର ସ୍ଥାୟୀ ସମାଧାନ ଲାଗି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସରକାର ଗ୍ରାମାଞ୍ଚଳର ଲୋକଙ୍କୁ ଆଇନ ସହାୟତା ଦେବା ପାଇଁ ଘୋଷଣା କରିଥିବା ମଧୁବାବୁ ଆଇନ ସହାୟତା ଯୋଜନା କାର୍ଯ୍ୟକାରୀ କରିବା ଲାଗି ଦାବି ଉପସ୍ଥାପନ କରାଯାଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ଆଶିଷକୁମାର ପାଣିଗ୍ରାହୀ, କାଶୀନାଥ ତ୍ରିପାଠୀ, କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ଆଇନଜୀବୀ ଯୋଗଦେଇଥିଲେ।

■ଜିଲା ଶିଶୁ ସୁରକ୍ଷା କମିଟି ବୈଠକ

# ଶିଶୁ ଯତ୍ନ କେନ୍ଦ୍ରରୁ ପିଲା ନିଜ ଜିଲାକୁ ଫେରିବେ

ଛତ୍ରପୁର,୨୯।୯(ଡି.ଏନ.ଏ)


ବୈଠକରେ ଜିଲାପାଳ ଏବଂ ଅନ୍ୟମାନେ ।

■ଅଲଟ୍ରାସାଉଣ୍ଡ କ୍ଲିନିକ ଉପରେ ନଜର ରଖ
■ଅଧାରୁ ପାଠ ଛାଡିବାକୁ ପ୍ରତିହତ କର
■ପେଣ୍ଡିଂ ମାମଲାର ଫଇସଲା ନିର୍ଦ୍ଦେଶ

ଶିଶୁ ଯତ୍ନ କେନ୍ଦ୍ରରେ ରହୁଥିବା ପିଲାମାନଙ୍କର ଆଧାର କାର୍ଡ କରାଯିବ। ସେଥିରେ ସେମାନଙ୍କର ଠିକ୍ ଠିକଣା ରହିବ। ସ୍ଥାନୀୟ ବିଡିଓ, ତହସିଲଦାର ଓ ସିଡିପିଓ ପ୍ରତି ମାସରେ ଶିଶୁ ଯତ୍ନ କେନ୍ଦ୍ର ପରିଦର୍ଶନ କରିବେ। ସେଠାରେ ଥିବା କର୍ମଚାରୀ ଠିକ୍ କାମ ନ କଲେ ତାଙ୍କୁ ବରଖାସ୍ତ କରାଯିବ। ଅନ୍ୟାନ୍ୟ ଜିଲାରୁ ଆସି ଗଞ୍ଜାମ ଜିଲା ଶିଶୁ ଯତ୍ନ କେନ୍ଦ୍ରରେ ଥିବା ପିଲାମାନଙ୍କୁ ସେମାନଙ୍କ ନିଜ ଜିଲାର ଶିଶୁ ଯତ୍ନ କେନ୍ଦ୍ରକୁ ପଠାଯିବ। ଶନିବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିଶୁ ସୁରକ୍ଷା କମିଟି ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦଲାଲମାନଙ୍କ ଦ୍ୱାରା ଶିଶୁମାନେ ବିଶେଷକରି ବ୍ରହ୍ମପୁର ଷ୍ଟେଶନରୁ ଅନ୍ୟତ୍ର ଚାଲାଣ ହେଉଛନ୍ତି। ରେଳ ଷ୍ଟେଶନରେ ଶିଶୁ ଚାଲାଣକୁ ରୋକିବା ପାଇଁ ସତର୍କତା ପ୍ରଚାର ପତ୍ର ରହିବ। ସେଠାରେ ଏକ ଘରର ବ୍ୟବସ୍ଥା କରି ଶିଶୁ ସୁରକ୍ଷା କର୍ମୀମାନେ ନଜର ରଖିବେ। ରେଳବାଇ କର୍ମଚାରୀ, ରେଳବାଇ ପୋଲିସ, ସ୍ଥାନୀୟ ଅଟୋ ଚାଳକ, ରିକ୍ସା ଚାଳକ,ମିନି ବସ ଚାଳକମାନଙ୍କୁ ଶିଶୁ ଚାଲାଣ ପ୍ରତିହତ ପାଇଁ ତାଲିମ ଦିଆଯିବ। ଯେଉଁ ଶିଶୁମାନେ ଅଧାରୁ ପାଠ ଛାଡୁଛନ୍ତି, ସେମାନଙ୍କ ଉପରେ ସ୍ଥାନୀୟ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ନଜର ରଖିବେ ଏବଂ ପାଠ ଛାଡିବାର କାରଣ ଅନୁଧ୍ୟାନ କରିବେ। ଜିଲା ଶିକ୍ଷା ଅଧିକାରୀ ଏ ସମ୍ପର୍କରେ ଶିକ୍ଷକମାନଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ କଲ୍ୟାଣ କମିଟି ନିକଟରେ ପଡି ରହିଥିବା ୩୫୯ ଭିନ୍ନ ଭିନ୍ନ ମକଦ୍ଦମାକୁ ୪ ମାସ ମଧ୍ୟରେ ଫଇସଲା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବାଳାଶ୍ରମରେ ରହୁଥିବା ଶିଶୁମାନଙ୍କୁ କୌଣସି ଦମ୍ପତି ଅଧିଗ୍ରହଣ ପାଇଁ ଉପଯୁକ୍ତ ପ୍ରଚାର ପ୍ରସାର କରାଯିବ। ଜିଲାପାଳ ନିଜେ ସମୟ ବ୍ୟବଧାନରେ ବାଳାଶ୍ରମ ପରିଦର୍ଶନ କରିବେ। ପରୀ-୨ କାର୍ଯ୍ୟକ୍ରମରେ ଉଦ୍ଧାର ପାଇଥିବା ୪୮୭ ଶିଶୁ ସମ୍ପର୍କରେ କାରଣ ଖୋଜାଯିବ। ଏମାନେ ଯେପରି ପୁନର୍ବାର ଶିଶୁ ଶ୍ରମିକ ନ ହୁଅନ୍ତି ସେ ଉପରେ ନଜର ରଖାଯିବ। ବିଜୁ କନ୍ୟା ରତ୍ନ ଯୋଜନା ସମ୍ପର୍କରେ ସମସ୍ତ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଯିବ। ଯେଉଁ ଦମ୍ପତିମାନଙ୍କର ୨ ଟି ସନ୍ତାନ ଅଛି ସେମାନଙ୍କର ତୃତୀୟ ସନ୍ତାନ ପାଇଁ ଗର୍ଭଧାରଣ ଉପରେ ନଜର ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଲଟ୍ରାସାଉଣ୍ଡ କ୍ଲିନିକଗୁଡିକ ଉପରେ କଡା ନଜର ରଖାଯିବ। ଜିଲାର ଉପାନ୍ତ ଅଞ୍ଚଳରେ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକଗୁଡିକର ନିୟମିତ ତଦାରଖ ହେବ। ୧୮ବର୍ଷ ପୂର୍ବରୁ ବିବାହ ଉପରେ ନଜର ରଖିବା ଉପରେ ପଦକ୍ଷେପ ନେବାକୁ କୁହାଯାଇଛି। ଜିଲାର ଶେରଗଡ ବ୍ଲକରେ ଝିଅଙ୍କ ଆନୁପାତିକ ହାର ୧ ହଜାରରେ ୭୯୩ ଥିବାରୁ ସେଠାରେ ଜନସଚେତନତା କାର୍ଯ୍ୟକ୍ରମ କରାଯିବ। ଝିଅମାନଙ୍କ ସଫଳ କାହାଣୀଗୁଡିକୁ ଅଧିକ ପ୍ରଚାର ପ୍ରସାର କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ କବିନ୍ଦ୍ର କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବିଜୟ କୁମାର ଦାଶ, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ଆରଟିଓ ସଞ୍ଜୟ ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ ଓ ସୁଧୀର ସାବତ ପ୍ରମୁଖ ଉପସ୍ଥିତ ଥିଲେ।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ bmpselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍ଫି କର୍ଣ୍ଣର


@ ବିଶ୍ୱ


@ ଜିତେନ୍ଦ୍ର


@ ଶରତ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
bmpselfie@gmail.com
(ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ଘୁମୁସର ଜିଲା ଦାବିରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଭଞ୍ଜନଗର,୨୯।୯(ଡି.ଏନ.ଏ.)

ଘୁମୁସର ଜିଲା ଘୋଷଣା ଏବଂ ବ୍ରହ୍ମପୁର ଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିନେଇ ଭଞ୍ଜନଗର ବାର୍ ଆସୋସିଏଶନ ପକ୍ଷରୁ ଶନିବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ଆଇନଜୀବୀମାନେ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟଯେ ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରତ୍ୟେକ ମାସର ଶେଷ ୨ କାର୍ଯ୍ୟ ଦିବସ ଦିନ ଉକ୍ତ ଦାବିନେଇ ବାର ଆସୋସିଏଶନ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଛି।



ଆଇନଜୀବୀମାନେ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଶ୍ରୀ ଲକ୍ଷ୍ମୀ ନୃସିଂହ ସୋସାଇଟି ଗଠିତ

ହିଞ୍ଜିଳିକାଟୁ,୨୯।୯(ଡ଼ି.ଏନ୍.ଏ.)

ହିଞ୍ଜିଳିକାଟୁ ପୌରାଞ୍ଚଳ ୧୨ ନଂ. ୱାର୍ଡ କବିରାଜ ମାର୍ଗର ବାସିନ୍ଦାମାନେ ଶୁକ୍ରବାର ସାହିର ଉନ୍ନତି ଓ ସାମାଜିକ ଗଠନ ମୂଳକ କାମ ନିମନ୍ତେ ଲକ୍ଷ୍ମୀ ନୃସିଂହ ସୋସାଇଟି ଗଠନ କରିଛନ୍ତି। ଏଥିରେ ସଭାପତି ଭାବେ ରାମକୃଷ୍ଣ ମହାଙ୍କୁଡ଼, ସମ୍ପାଦକ ଭାବେ ସୀମାଞ୍ଚଳ ଚୌଧୁରୀ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ନାୟକ ଓ ଟିକିନା ପଟ୍ଟନାୟକଙ୍କୁ ମନୋନିତ କରାଯାଇଛି। କାର୍ଯ୍ୟକ୍ରମକୁ ମିଥୁନ ମହାଙ୍କୁଡ଼, ଅବନି ମହାଙ୍କୁଡ଼, ବୁଲୁ ଗଉଡ଼, ପୀତାମ୍ବର ସାହୁ, ଲିଙ୍ଗରାଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ଗୋଳନ୍ଥରାରେ ଘୁଷୁରି ଉପଦ୍ରବ

# ଧାନ ଫସଲ ନଷ୍ଟ, ଚାଷୀ ଆତଙ୍କିତ

କନିଷି,୨୯।୯(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଅଞ୍ଚଳର ମନ୍ତ୍ରିଡ଼ି, ଶାସନପଦର, ଛେଳିଆ, କୁଠାରସିଂ, ବୟାଳୀ, ଚିକରଡ଼ା, ରଣ୍ଡା ଆଦି ଗ୍ରାମାଞ୍ଚଳର ଚାଷୀମାନେ ଧାନ ଫସଲ ଓ ବିଭିନ୍ନ ପନିପରିବା ଚାଷ କରିଥିବା ବେଳେ କେଉଁ ଅଞ୍ଚଳରୁ ଶହ ଶହ ଘୁଷୁରି ଆସି ବିଭିନ୍ନ ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି । ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବା ସହ ଘୁଷୁରିମାନଙ୍କୁ ଏଠାରୁ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଚାଷୀମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଧାନ ଚାଷ କରିଥିବା ବେଳେ ଘୁଷୁରିପଲ ଧାନ ଫସଲ ନଷ୍ଟ କରୁଛନ୍ତି। ଫଳରେ ଚାଷୀ ଭୟଭୀତ ହୋଇପଡ଼ିବା ସହ ଋଣ ଟଙ୍କା କିପରି ପରିଶୋଧ କରିବେ ସେନେଇ ଚିନ୍ତାରେ ପଡିଛନ୍ତି।

# ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳିତ

ଆସିକା,୨୯।୯(ଡି.ଏନ୍.ଏ.)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଶନିବାର ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସିଏଚ୍. ସନ୍ତୋଷ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟାପକ ଡ. ତାରାପ୍ରସାଦ ଦାସ ମୁଖ୍ୟ ଅତିଥି ଓ ଅଧ୍ୟାପକ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ମୁଖ୍ୟ ବକ୍ତା ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୁରତ ଗିରି, ଦେବବ୍ରତ ସାହୁ, ରାକେଶ କୁମାର ସାହୁ ପ୍ରମୁଖ ସର୍ଜିକାଲ ଷ୍ଟ୍ରାଇକ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସର୍ଜିକାଲ ଷ୍ଟ୍ରାଇକ କ'ଣ, ଏହା କେବେ ହୋଇଥିଲା, ଏହାର ଆବଶ୍ୟକତା ଓ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ୍ ଧାରଣା ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ଜଣାଯାଇଛି। ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସରୋଜ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଦୟାନିଧି ବଡରଇତ, ସସ୍ମିତା ପାତ୍ର, ବିଭୁକଲ୍ୟାଣ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ ଅତିଥି ଓ ଅନ୍ୟମାନେ।

ଧରିତ୍ରୀ, ଓଡ଼ିଶା ପୋଷ୍ଟର ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଅଭିଯାନ

# ସାମିଲ ହେଲେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବୈଜ୍ଞାନିକ


ଧରିତ୍ରୀ, ଓଡ଼ିଶା ପୋଷ୍ଟର ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଅଭିଯାନରେ ସାମିଲ ହୋଇଥିବା କୃଷି ବୈଜ୍ଞାନିକ ଓ ଛାତ୍ରୀଛାତ୍ର।

ଭଞ୍ଜନଗର,୨୯।୯(ଡି.ଏନ.ଏ.)

ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ଏବଂ ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ମିଳିତ ସହଯୋଗରେ ଶନିବାର ବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ହୋଇଥିଲା। ଆୟୋଜିତ ସଭାରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସ୍ୱାଗତିକା ସାହୁ ଅଧ୍ୟକ୍ଷତା କରିଥିଲେ। ବୈଜ୍ଞାନିକ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେବାସହ ମାନବ ସମାଜ ପାଇଁ ସ୍ୱଚ୍ଛ ପରିବେଶ କାହିଁକି ଆବଶ୍ୟକ ସେ ଉପରେ କହିଥିଲେ। ମୃତ୍ତିକା ସଂରକ୍ଷଣ ସହ ବୃକ୍ଷରୋପଣ କରିବା ପାଇଁ ପଣ୍ଡା ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ୍ ବ୍ୟବହାରର କୁପ୍ରଭାବ ଉପରେ କହିଥିଲେ। ପ୍ଲାଷ୍ଟିକ୍ ମାଟିରେ ମିଶିପାରେ ନାହିଁ। ଫଳରେ ଏହାର କୁପ୍ରଭାବ ମୃତ୍ତିକା ଉପରେ ପଡ଼େ। ପଲିଥିନ୍ ଦ୍ୱାରା ଅନେକ ମାରାତ୍ମକ ରୋଗ ସୃଷ୍ଟି ହେଉଛି। ତେଣୁ ରାଜ୍ୟ ସରକାର ପ୍ଲାଷ୍ଟିକ୍ ବ୍ୟବହାର ଉପରେ ଅକ୍ଟୋବର ୨ରୁ ପ୍ରତିବନ୍ଧକ ଲଗାଇଛନ୍ତି। ଏଥିସହ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ପରିବେଶ ସୁରକ୍ଷା ଚିନ୍ତା ନେଇ ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଅଭିଯାନ ଚାଲିଛି। ଯାହାକି ସ୍ୱାଗତଯୋଗ୍ୟ ପଦକ୍ଷେପ। ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ୍ ବ୍ୟବହାରକୁ ବର୍ଜନ କରିବାକୁ ପଡ଼ିବ। ଏଥିସହ ସେମାନଙ୍କ ଅଭିଭାବକଙ୍କୁ ମଧ୍ୟ ଏନେଇ ସଚେତନ କରିବାକୁ ପଡ଼ିବ। ଛାତ୍ରୀଛାତ୍ରମାନେ ହିଁ ଚାହିଁଲେ ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଯୋଜନା ଲକ୍ଷ୍ୟ ଶିଘ୍ର ହାସଲ ହେବ ବୋଲି ବିଶ୍ୱାଳ କହିଥିଲେ। ବୈଜ୍ଞାନିକ ଡ଼.ସନ୍ତୋଷ କୁମାର ସାମନ୍ତରାୟ, ସିଦ୍ଧାର୍ଥ ରଣବିଜୁଳି, ଶୀତିକଣ୍ଠ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ବସନ୍ତ କୁମାର ଖାଡ଼ଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରିୟଙ୍କା ଶତପଥୀ, କବିତା ପ୍ରଧାନ, ମମତା ଗୌଡ଼, ପୁରୁଷୋତ୍ତମ ଖଣ୍ଡୁଆଳ, ଉଦୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ସହ ଚାରାରୋପଣ କରାଯାଇଥିଲା।

## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ୩ ଗିରଫ

**ଛତ୍ରପୁର, ୨୯।୯(ଡି.ଏନ.ଏ.):** ଛତ୍ରପୁର ରିକାପଲ୍ଲୀ ଦଳିତସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଚାଲିଥିବା ଜୁଆଆଡ୍ଡା ଉପରେ ପୋଲିସ ଚଢାଉ କରିଥିଲା । ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୨୫ହଜାର ୨୬୦ ଟଙ୍କା, ଗୋଟିଏ ମୋବାଇଲ ଫୋନ ଓ ତାସ ଜବତ କରିଛି । ପୋଲିସ ପାଟ୍ରୋଲିଂ ସମୟରେ ଏ ସମ୍ପର୍କରେ ସୂଚନା ପାଇ ଜୁଆ ଆଡ୍ଡାରେ ଅତର୍କିତ ଚଢାଉ କରିଥିଲା। ଗିରଫମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ପ୍ରିୟଶ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି।

### ରାମଗିରିରେ ପ୍ରସିଦ୍ଧ ନିଆଁମଡ଼ା ଯାତ୍ରା ଆରମ୍ଭ



**ରାମଗିରି,୨୯।୯(ଡି.ଏନ.ଏ.):** ଗଜପତି ଜିଲାର ରାମଗିରିରେ ଅବସ୍ଥିତ ପ୍ରସିଦ୍ଧ ମା’ କୁରେଇଶୁଣୀଙ୍କ ନିଆଁମଡ଼ା ଯାତ୍ରା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହେବାକୁ ଲାଗିଲାଣି। ଏହି ଯାତ୍ରା ୧୨ ଦିନ ଧରି ହେବାକୁ ଥିବା ବେଳେ ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଜିଲା ଓ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଭକ୍ତଙ୍କ ସୁଅ ଛୁଟିଥାଏ। ରବିବାର ମନ୍ଦିରରେ ନୂଆଖାଇ ପର୍ବ ପାଳନ ହେବା ପରେ ଅଞ୍ଚଳର ଲୋକମାନେ କମଳା, ନାରଙ୍ଗ, କନ୍ଦମୂଳ ଓ ବନଜାତ ସାମଗ୍ରୀ ଗୁଡ଼ିକ ବ୍ୟବହାର କରିପାରିବେ। ସୋମବାର ପରମ୍ପରା ଅନୁଯାୟୀ ଦୁଇଟି ନୂଆତାଟରେ ବେଜୁ ନଦୀରୁ ବାଲି ଆଣିବା ପରେ ଯାତ୍ରା ଆରମ୍ଭ ହୋଇଥାଏ। ଆସନ୍ତା ୫ ତାରିଖରେ ପଞ୍ଚମୀ ପର୍ବ ପାଳନ ହେବ। ଏହି ଦିନରେ ମୁଖ୍ୟ ଅଲୌକିକ ଶକ୍ତି ହେଲା ବିଭିନ୍ନ ପ୍ରକାର ଶସ୍ୟକୁ କଞ୍ଚା ମାଟି ହାଣ୍ଡିରେ ପକାଇ ବେଜୁ ନିଜ ହାତରେ ଭାଜିଥାନ୍ତି। ସମ୍ପୂର୍ଣ୍ଣ ରୂପେ ଭଜା ହେଲା ପରେ ପ୍ରଥମ ଦିନ ଅଣାଯାଇଥିବା ବାଲି ତାଟରେ ପକାଯାଏ ଓ ପରବର୍ତ୍ତୀ ସମୟରେ ତାହା ଗଜା ହୋଇଥାଏ। ୧୧ ତାରିଖରେ ବଡ଼ ଉପବାସ। ଏହି ଦିନ ବେଜୁ ଗାଦିଆ କଣ୍ଟା ପିଢ଼ା ଉପରେ ବସି ନିଃସନ୍ତାନ ମହିଳାମାନଙ୍କୁ ଫଳ ଦେଇଥାନ୍ତି। ଯାହାକି ପରବର୍ତ୍ତୀ ସମୟରେ ସନ୍ତାନ ପ୍ରାପ୍ତି ହେବାର ବିଶ୍ୱାସ ରହିଛି। ଶେଷ ଦିନ ଅର୍ଥାତ୍ ୧୨ ତାରିଖରେ ଲୁହାକଣ୍ଟାରେ ନିର୍ମିତ ଦୋଳି ଉପରେ ବସି ଦୋଳି ଖେଳିବା ସହିତ ମୁଠି ଚାଉଳ ଦେଖିବାର କାର୍ଯ୍ୟକ୍ରମ ହୋଇଥାଏ। ଦୋଳିରୁ ଓହ୍ଲାଇବା ପରେ ପୂର୍ବରୁ ବହୁ ପରିମାଣରେ କାଠ ଜାଳି କୁଢ଼କୁଢ଼ ନିଆଁକୁ ପ୍ରସ୍ତୁତ କରି ରଖିଥିବା ନିଆଁ ଉପରେ ଚାଲିଥାନ୍ତି ଓ ପରେ ଉପସ୍ଥିତ ଥିବା ଭକ୍ତମାନଙ୍କୁ ଚାଲିବାର ସୁଯୋଗ ମିଳିଥାଏ।

### କବିବର ରାଧାନାଥ ଜୟନ୍ତୀ ସମାରୋହ

**ବାଲିଗୁଡ଼ା,୨୯।୯(ଡି.ଏନ୍.ଏ.):** ବାଲିଗୁଡ଼ାର ପୁରାତନ ସାହିତ୍ୟାନୁଷ୍ଠାନ ଶାଳବଣ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ବନବାସୀ ସେବା ସମିତି ସଭାଗୃହରେ କବିବର ରାଧାନାଥଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଏସ୍‌ବିଆଇ ମୁଖ୍ୟ ପ୍ରବନ୍ଧକ ଦେବାଶିଷ ପରିଡ଼ା, ସମ୍ମାନିତ ଅତିଥି ଭାବେ ବନବାସୀ ସେବା ସମିତି ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ରଥ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହରୀ ବାଜପେୟୀ ଓ ବରିଷ୍ଠ ସାହିତ୍ୟକ ପଣ୍ଡିତ ରଘୁନାଥ ରଥଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଉପସ୍ଥିତ ଅତିଥିମାନେ କବିବର ରାଧାନାଥଙ୍କ ଜୀବନୀ ଓ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସଂସଦ ସହ ସମ୍ପାଦକ କୈଳାସ ଚନ୍ଦ୍ର ବେହେରା ରାଧାନାଥଙ୍କ ଜୀବନର ସବୁଠୁ ଆକର୍ଷଣୀୟ କେତେକ ଲେଖାର ବ୍ୟାଖ୍ୟା କରିଥିଲେ। ଶେଷରେ ମୁଖ୍ୟବକ୍ତା ଅଧ୍ୟାପକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ରାଧାନାଥ ସାହିତ୍ୟ ଉପରେ ଆଲୋଚନା କରି ଧନ୍ୟବାଦ ଅର୍ପଣ କରିଥିଲେ।

### ଲକ୍ଷ୍ମୀପୂଜା ପାଇଁ ଶୁଭଖୁଣ୍ଟି

**ଜଗନ୍ନାଥପ୍ରସାଦ,୨୯।୯:** ଜଗନ୍ନାଥପ୍ରସାଦ ବ୍ଲକ ବଣିକ ସଂଘ ପକ୍ଷରୁ ଶୁକ୍ରବାର ଲକ୍ଷ୍ମୀପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ସଂଘର ସମସ୍ତ କର୍ମକର୍ତ୍ତା ବଜାରର ମେଡିକାଲ ଛକଠାରେ ପହଞ୍ଚିଥିଲେ। ପୂଜାର୍ଚ୍ଚନା ପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଏଥିରେ କମିଟି ସଭାପତି ମାନସ ରଞ୍ଜନ ପରିଡ଼ା, ମହେନ୍ଦ୍ର ପଣ୍ଡା, ସନ୍ୟାସୀ ଦାଶ, କେଳା ପ୍ରଧାନ, କୁନା ପ୍ରଧାନ, ପ୍ରଶନ୍ନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ■ ବିଜୁ ମହିଳା ଜନତା ଦଳ ପକ୍ଷରୁ ମହାସମାବେଶ

# ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି: ବିଧାୟିକା

**ଦିଗପହଣ୍ଡି/ପାଟପୁର, ୨୯।୯(ଡି.ଏନ.ଏ.)**



ମଞ୍ଚାସୀନ ଅତିଥିବୃନ୍ଦ।

ରାଜ୍ୟ ସରକାର ମହିଳାମାନଙ୍କ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ରାଜ୍ୟରେ ଅନେକ ଜନକଲ୍ୟାଣ ଯୋଜନା ପ୍ରଣୟନ କରାଯାଇଛି। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରାଯାଇଛି। ଏହି ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବି କରାଯିବା ସହ ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କୁ ୭ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା ମୁଖ୍ୟମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ କହିଛନ୍ତି। ଶନିବାର ପାଟପୁର ପୂର୍ତ୍ତ ବିଭାଗ ଡ଼ାକ ବଙ୍ଗଳାରେ ଆୟୋଜିତ ବିଜୁ ମହିଳା ଜନତା ଦଳ ସମାବେଶରେ ବିଧାୟିକା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବ୍ଲକ ସଭାନେତ୍ରୀ ସୁଲତା ରାଣୀ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଓସ୍‌କାର୍ଡ ବ୍ୟାଙ୍କ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ସମାବେଶରେ ଯୋଗଦେଇ ରାଜ୍ୟରେ ବିଜେଡି ସରାକର ଯୋଗୁ ମହିଳାମାନେ ସବୁ କ୍ଷେତ୍ରରେ ଆଗୁଆ ରହିବା ସହ ସେମାନଙ୍କୁ ସାମାଜିକ ସୁରକ୍ଷା ମିଳିପାରିଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଗାଁକୁ କାମ ଓ ମା’କୁ ସମ୍ମାନ ସ୍ଲୋଗାନର ସୁଦୂର ପ୍ରସାରୀ ପ୍ରଭାବ ରହିଛି ବୋଲି ସେ କହିଥିଲେ। ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ଏମପି ରେଣୁବାଳା ପ୍ରଧାନ, ଗଞ୍ଜାମ ଜିଲା ମହିଳା ସଭାନେତ୍ରୀ ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ଜିଲା ବିଜେଡି ଉପସଭାପତି ଅରୁଣ ପଣ୍ଡା, ବିଧାୟିକା ପ୍ରତିନିଧି ସହଦେବ ପ୍ରଧାନ, ରବୀନ୍ଦ୍ର ଘୋଷ, ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ବେହେରା, ଉପାଧ୍ୟକ୍ଷ ଗୋବିନ୍ଦ୍ର ଚନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ନାଇକ, ଗୋଲାପ ସେଠୀ, ଶଙ୍କର୍ଷଣ ସ୍ୱାଇଁ, ମମତା ମଳିକ, ଜୟଶ୍ରୀ ସ୍ୱାଇଁ, ସରସ୍ୱତୀ ଦଳେଇ, ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ସନ୍ତୋଷ ବିଷୋୟୀ, ଛାତ୍ର ଜନତା ଦଳ ସଭାପତି କାଳୁଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସାହାସପୁର ପଞ୍ଚାୟତ ଅଞ୍ଚଳର ବହୁ ସଂଖ୍ୟକ ଭାଜପା କର୍ମୀ ଦଳତ୍ୟାଗ କରି ବିଜେଡିରେ ସାମିଲ ହୋଇଥିବା ଘୋଷଣା କରିଥିଲେ। ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସମାବେଶ ଅବସରରେ ବିଧାୟିକା ସମସ୍ତ ଅତିଥି ଓ ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କୁ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ମୋହନା,୨୯।୯(ଡି.ଏନ୍.ଏ.)**

ମୋହନା ସରକାରୀ ଉଚ୍ଚ ବିଦ୍ୟାଳୟ (ଏସ୍‌ଏସ୍‌ଡି) ପରିସରରେ ଗଜପତି ଜିଲା ଭିନ୍ନକ୍ଷମ ବିଭାଗର ସହାୟତାରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ ନାୟକଙ୍କ ସଂଯୋଜନା ଏବଂ ବିଡିଓ ବଂଶିଧର ଖୋସଲାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୋହନା ବିଧାୟିକା ବାସନ୍ତୀ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅନିତା ରାଣୀ ବେହେରା, ବ୍ଲକ ଅଧ୍ୟକ୍ଷା ସୁଖୀ ଶବର, ଉପାଧ୍ୟକ୍ଷା ବାଲମିନା ଅଧିକାରୀ, ଚନ୍ଦ୍ରଗିରି ସରପଞ୍ଚ ନର୍ମଦା ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ଭତ୍ତା ପାଇଁ ୧୩୩ ଜଣ, ବାଣିଶ୍ରୀ ଛାତ୍ର ବୃତ୍ତି ପାଇଁ ୧୪୦ ଜଣ, ପ୍ରଧାନମନ୍ତ୍ରୀ ଆବାସ ପାଇଁ ୧୭, ଋଣ ପାଇଁ ୭୦ ଜଣ, ପରିଚୟ ପତ୍ର ପାଇଁ ୪୮ ଜଣ, ୟୁଡିଆଇଡି ପାଇଁ ୧୫୯, ଆୟ ପ୍ରମାଣ ପତ୍ର ପାଇଁ ୨୬ ଜଣ, ବସ୍ ଓ ଟ୍ରେନ ପାସ ପାଇଁ ୨୮୦ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅତିଥିମାନେ ଦିବ୍ୟାଙ୍ଗ ମାନଙ୍କୁ ସହାୟତା ଉପକରଣ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ମୋହନା ବିଏସଏସଓ ସନ୍ତୋଷ କୁମାର ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୀମାଞ୍ଚଳ ବେହେରା ଓ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନରସିଂହ ମାଣ୍ଡାଙ୍ଗି ପରିଚାଳନା କରିଥିଲେ।

## ବିଜେଡି ମହିଳା କର୍ମୀଙ୍କ ମହାସମାବେଶ

**ମୋହନା,୨୯।୯ (ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ନିର୍ବାଚନ ମଣ୍ଡଳୀ ବିଜେଡ ବିଧାୟିକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହିଳା ସମାବେଶ ମୋହନାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶ ହଜାରରୁ ଊର୍ଦ୍ଧ୍ୱ ମହିଳା କର୍ମୀ ଯୋଗ ଦେଇଥିଲେ । ମହିଳାମାନେ ମୋହନା ଆଦିବାସୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରୁ ପୂର୍ବାହ୍ନ ପ୍ରାୟ ୧୦ଟାରେ ବାହାରି ମୋହନା ସହର ପରିକ୍ରମା କରିବା ପରେ ବିଜୁ କଲ୍ୟାଣ ମଣ୍ଡପରେ ଏକ ସାଧାରଣ ସଭାର ଅୟୋଜନ କରିଥିଲେ। ଏହି ସମାବେଶରେ ମୋହନା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାୟଗଡ, ନୁଆଗଡ, ଆର.ଉଦୟଗିରି ଓ ମୋହନା ବ୍ଲକର ବିଭିନ୍ନ ପଞ୍ଚାୟତର କର୍ମୀ ଯୋଗ ଦେଇଥିଲେ। ଏହି ସମାବେଶରେ ମୋହନା ବିଧାୟିକା ବାସନ୍ତୀ ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସୁଖୀ ଶବର, ଉପଧ୍ୟକ୍ଷା ବାଲମିନା ଅଧିକାରୀ, ଆର.ଉଦୟଗିରି ବ୍ଲକ ଅଧ୍ୟକ୍ଷା ଅମିତା ମଣ୍ଡଳ, ଚନ୍ଦ୍ରଗିରି ସରପଞ୍ଚ ନର୍ମଦା ଦଳାଇ, ଚନ୍ଦ୍ରଗିରି ଜିଲା ପରିଷଦ ସଭ୍ୟା ସ୍ନିଗ୍ଧାରାଣୀ ରଣସିଂ, ବିଡିଓ ବଂଶୀଧର ଖୋସଲା, ୫ ଶହରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟିକା ଦଳ, ଅଙ୍ଗନୱାଡି କର୍ମୀ, ଅଙ୍ଗନୱାଡି ସୁପରଭାଇଜର ବିଭିନ୍ନ ପଞ୍ଚାୟତର ମହିଳା ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ। ଏହି ସମାବେଶରେ ଉପସ୍ଥିତ ବକ୍ତାମାନେ ନିଜ ବକ୍ତବ୍ୟରେ ନବୀନ ସରକାର ରାଜ୍ୟରେ ମହିଳାମାନଙ୍କ ପାଇଁ କାର୍ଯ୍ୟକାରୀ କରିଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ବଖାଣିବା ସହ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଲେ ହିଁ ରାଜ୍ୟ ବିକାଶ ସମ୍ଭବ ହେବ ବୋଲି କହିଥିଲେ । ମୋହନା ବିଧାୟିକା ମହିଳାମାନଙ୍କୁ ସଶକ୍ତୀକରଣ କରାଇବା, ମହିଳା ମାନଙ୍କ ଯୋଗୁ ରାଜ୍ୟର ବିକାଶ ଘଟୁଥିବା ଏବଂ ରାଜ୍ୟ ସରାକରଙ୍କ ଜନହିତକର କାର୍ଯ୍ୟଗୁଡିକୁ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରାଇଥିଲେ।

# କାର୍ଯ୍ୟାଦେଶ ବଣ୍ଟନ ମେଳା



ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଉଛି।

**ଚିକିଟି,୨୯।୯(ଡି.ଏନ.ଏ.)**

ଚିକିଟି ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର କାର୍ଯ୍ୟାଦେଶ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଏମ୍ ପଦ୍ମା ଯୋଗଦେଇ ଉକ୍ତ ବ୍ଲକ ଅଧୀନରେ ଥିବା ୧୭ଟି ପଞ୍ଚାୟତର ସମୁଦାୟ ୭୨ଜଣ ହିତାଧିକାରୀଙ୍କୁ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏଥି ସହିତ ସରକାରଙ୍କ ନିୟମ ପ୍ରକାରେ ଯେକୌଣସି ହିତାଧିକାରୀ ୪ ମାସ ମଧ୍ୟରେ ଘର ସମ୍ପୂର୍ଣ୍ଣ କଲେ ୨୦ହଜାର ଟଙ୍କା ଓ ୬ମାସ ମଧ୍ୟରେ ସମ୍ପୂର୍ଣ୍ଣ କଲେ ୧୦ହଜାର ଟଙ୍କା ପ୍ରୋତ୍ସାହନ ଦିଆଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏଥିରେ ଉପାଧ୍ୟକ୍ଷା ସସ୍ମିତା ପଣ୍ଡାଙ୍କ, ଏବିଡିଓ ରମାକାନ୍ତ ସାହୁ , ଏସ୍‌ଇଓ ଚକ୍ରଧର ପାଣିଗ୍ରାହୀ, ଜିପିଓ ଅଶ୍ୱନୀ ପାଢ଼ୀ, ପୂର୍ବତନ ଅଧ୍ୟକ୍ଷ ଏମ୍ ନାଗରାଜ୍, ଯୁବ ବିଜେଡି ସଭାପତି ସଚ୍ଚିଦାନନ୍ଦ ପଣ୍ଡା ସମେତ ୧୭ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଏବଂ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମିନିଟ୍ରକ୍ ଓଲଟି, ୮ ଗୁରୁତର

**ଶେରଗଡ,୨୯।୯(ଡି.ଏନ୍.ଏ.)**

ଶେରଗଡ ବ୍ଲକ ପଦ୍ମପୁର-ବାଦଗଡ ରାସ୍ତାରେ ଶନିବାର ମିନିଟ୍ରକ ଓଲଟି ୮ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋବିନ୍ଦପୁର ଗ୍ରାମର ପର୍ଶୁଲୁ ବେହେରା , ଅଭିମନ୍ୟୁ ସାହୁ , ପ୍ରଶାନ୍ତ ଜେନା, କୋରୀ ସେଠୀ, ଜୀବନ ବେହେରା,ଗୁଡିଆପାଟଣା ଗ୍ରାମର ବରଜ ଗୌଡ, ଶଙ୍କର ଗୌଡ ଓ ବାଦଗଡ ଗ୍ରାମର ବାବୁ ଗୌଡ। ଆହତଙ୍କ ମଧ୍ୟରେ ୨ଜଣଙ୍କ ଗୋଡ ଭାଙ୍ଗିଥିବା ବେଳେ ଆଉ ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତର କହିଛନ୍ତି। ଶନିବାର ଅପରାହ୍ନ ୨ଟା ବେଳେ ଉକ୍ତ ୮ଜଣ ଶ୍ରମିକ ବାଦଗଡ ଠାରୁ ରାସ୍ତା କାମ ସାରି ପଦ୍ମପୁର ଫେରୁଥିବା ସମୟରେ ଏକ ପୋଲ ନିକଟରେ ଭାରସାମ୍ୟ ହରାଇ ଗାଡିଟି ଓଲଟି ପଡିଥିଲା।

## ଖୁସି ତାଲିମ ଶିବିର

**ଦିଗପହଣ୍ଡି,୨୯।୯(ଡି.ଏନ.ଏ.)**

ଦିଗପହଣ୍ଡିସ୍ଥିତ ରାଜମାତା ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ଖୁସି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କିଶୋରୀ ତଥା ଛାତ୍ରୀମାନେ ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କିଭଳି ଯତ୍ନବାନ ହେବେ ସେମାନଙ୍କୁ ସଚେତନ କରିବାକୁ ଉପସ୍ଥିତ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ବ୍ଲକ ଗୋଷ୍ଠୀ ଅଧିକାରୀ ସୁଦାମ ଦାସ, ଗୋଷ୍ଠୀ ସାଧନ କର୍ମୀ ଉପେନ୍ଦ୍ର ପଣ୍ଡା, ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମପ୍ରାପ୍ତ ସମ୍ବଳ ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ, ଶିବାନୀ ପାତ୍ର ଶିବିରରେ ଉପସ୍ଥିତ ୧୦୧ ନୋଡାଲ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ କାମେଶ୍ୱର ଆଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ବ୍ଲକସ୍ତରୀୟ ନିଯୁକ୍ତି ମେଳା

**ପାତ୍ରପୁର,୨୯।୯(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଓଡ଼ିଶା ଜୀବିକା ମିଶନ ଏବଂ ଗଞ୍ଜାମ ଜିଲା ଓରମାସର ମିଳିତ ସହଯୋଗରେ ଦିନଦୟାଲ ଗ୍ରାମୀଣ କୌଶଲ୍ୟ ଯୋଜନା ଆନୁକୂଲ୍ୟରେ ଏକ ବ୍ଲକ ସ୍ତରୀୟ ନିଯୁକ୍ତି କର୍ମଶାଳା ଜୀବିକା ମିଶନ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଭାରପ୍ରାପ୍ତ ବିଡ଼ିଓ ପ୍ରଣତି ପ୍ରିୟଦର୍ଶିନୀ ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ପାତ୍ରପୁର ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୫୧୮ ବେକାର ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୪୧୩ ଜଣ ପ୍ରାର୍ଥୀ ବିଭିନ୍ନ ସଂସ୍ଥାରେ ତାଲିମ ନେଇ ରୋଜଗାର କରିବାକୁ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଗତି ସହାୟକ ଦୁଃଖିଶ୍ୟାମ ପଟ୍ଟନାୟକ, ବିପିଏମ ଅଜୟ କୁମାର ଦାସ, ଜିଲା କୋର୍ଡିନେଟର ସୁନିଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ବହୁ ବେକାରୀ ଯୁବତୀ ଯୁବକ ରୋଜଗାରକ୍ଷମ ଏବଂ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମଞ୍ଚାସୀନ ଅତିଥି ମାନେ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଜିବୀକା ମିଶନର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।




ନିଯୁକ୍ତି ମେଳାରେ ଜୀବିକା ମିଶନର କର୍ମକର୍ତ୍ତା।

## କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ପାତ୍ରପୁର,୨୯।୯(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ତଣ୍ଡିପୁର ସ୍କୁଲ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରାବର ଅନୁଷ୍ଠିତ ହୋଇଯାଇଛି। ସିଆରସିସି କେ. ସୀମାଞ୍ଚଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ କୁରେଶୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ଶିକ୍ଷକ ସଂଘ ସଭାପତି ରାଜେଶ ମହାନ୍ତି, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ପ୍ରଫୁଲ କୁମାର ଚୌଧୁରୀ ଓ ପ୍ରଧାନ ଶିକ୍ଷକ ଜି. ଭିମାରାଓ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ତଣ୍ଡିପୁର କ୍ଲଷ୍ଟରର ମୋଟ ୧୨ ଟି ସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁକାନ୍ତ ଜେନା, ରବୀନ୍ଦ୍ର କୁମାର ସାବତ, ବୃନ୍ଦାବନ ପ୍ରଧାନ, ପ୍ରଭାତ ଦଳେଇଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହାୟତା କରିଥିଲେ।

## ଘନ ଘନ ବିଦ୍ୟୁତ୍ କାଟ, ଜନସାଧାରଣ ଅସ୍ତବ୍ୟସ୍ତ

**କନିଷି,୨୯।୯(ଡି.ଏନ.ଏ.)**

ଗୋଳନ୍ଥରା ଥାନା କନିଷି ଅଞ୍ଚଳରେ ବହୁଦିନ ହେଲା ସନ୍ଧ୍ୟା ହୋଇଗଲେ ଘନ ଘନ ବିଦ୍ୟୁତ୍ କାଟ ହେଉଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ସୃଷ୍ଟି ହେବା ସହ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଖୁସି କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମ ଶିବିର

**ବୁଗୁଡ଼ା,୨୯।୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକସ୍ତରୀୟ ଖୁସି କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମ ଶିବିର ଶୁକ୍ରବାର ସ୍ଥାନୀୟ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ ଚନ୍ଦ୍ର ସେନାପତି, ପୀତାମ୍ବର ବିଷୋୟୀ ଓ ବିନୋଦ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଖୁସି କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସମ୍ବଳ ଶିକ୍ଷୟିତ୍ରୀ ଭାବେ ମମତା ସ୍ୱାଇଁ, ନମିତାରାଣୀ ପଣ୍ଡା ଖୁସି କାର୍ଯ୍ୟକ୍ରମ ଉପରେ ଆଲୋଚନା କରି ଏହା ପ୍ରତ୍ୟେକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କଠାରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଙ୍କ ପାଇଁ ଉପଯୋଗୀ ହୋଇପାରିବ ସେ ବିଷୟରେ ତାଲିମ ଦେଇଥିଲେ। ଶିବିରରେ ୧୧ ଜଣ ସିଆରସିସିଙ୍କ ସମେତ ୭୭ ଜଣ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।



ଉପସ୍ଥିତ ଶିକ୍ଷୟିତ୍ରୀ।

# ଧରାକୋଟ ଷ୍ଟେଟବ୍ୟାଙ୍କରେ ଅବ୍ୟବସ୍ଥା

**ଧରାକୋଟ,୨୯।୯(ଡି.ଏନ୍.ଏ.)**




ଧରାକୋଟରେ ଥିବା ଷ୍ଟେଟବ୍ୟାଙ୍କ।

■ ଏଟିଏମ୍‌ରେ ରହୁନି ଟଙ୍କା, ଗ୍ରାହକ ଅସନ୍ତୋଷ

■ ଆଞ୍ଚଳିକ ପରିଚାଳକଙ୍କୁ ଅଭିଯୋଗ କଲେ ଲୋକେ

ଧରାକୋଟରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ଅଞ୍ଚଳର ଲୋକଙ୍କୁ ସେବା ଯୋଗାଇବାରେ ବିଫଳ ହେଉଥିବା ଯୋଗୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଫଳରେ ଗ୍ରାହକ ଏଠାରୁ ମୁହଁ ଫେରାଉଛନ୍ତି। ଏହି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ ବ୍ଲକର ୧୮ ପଞ୍ଚାୟତର ଲୋକେ ଏବଂ ଧରାକୋଟ ବ୍ଲକ ଅଞ୍ଚଳର ସମସ୍ତ ସରକାରୀ କର୍ମଚାରୀମାନେ ମାସିକ ଦରମାଠାରୁ ସରକାରୀ ଯୋଜନାର ଅନୁଦାନ ଆଦି କାମ ପାଇଁ ନିର୍ଭର କରିଥାନ୍ତି। ମାତ୍ର ସୀମିତ କର୍ମଚାରୀ ଓ ସେମାନଙ୍କ ବ୍ୟବହାରରେ ସମସ୍ତେ ଅତିଷ୍ଠ। ଏହା ଗ୍ରାହକ ସେବାର ଏକମାତ୍ର ମାଧ୍ୟମ ହୋଇଥିଲେ ମଧ୍ୟ ବ୍ୟାଙ୍କର କାରବାର ଅଭିବୃଦ୍ଧି ହେବା ବଦଳରେ କମୁଛି। ଘଣ୍ଟା ଘଣ୍ଟା ଧରିର ଲୋକେ ଲମ୍ବା ଧାଡିରେ ନାହିଁ ନ ଥିବା ହିନସ୍ତା ହେବା ସହ କର୍ମଚାରୀଙ୍କ ବିରକ୍ତିର ମଧ୍ୟ ଶିକାର ହେଉଛନ୍ତି। ଖବରକାଗଜର ମାସିକ ଦେୟ ଜମା କରିବାକୁ ଯାଇଥିବା ଜଣେ ଗଣମାଧ୍ୟମ ପ୍ରତିନିଧୀ ମଧ୍ୟ ବ୍ୟାଙ୍କ କର୍ମଚାରୀଙ୍କ ରୋଷର ଶିକାର ହୋଇଛନ୍ତି। ଧରାକୋଟ ଯୋଗାଣ ସହାୟକ ଗୋପାଳହରି ଗୌଡ, ବିଜେଡି ଛାତ୍ର ସଭାପତି ମାନସ ରଞ୍ଜନ ଜେନା, ବିଜୁ ଯୁବ ବାହିନୀର ହିମାଂଶୁ ସ୍ୱାଇଁ, ଶଙ୍କର ମହାନ୍ତି, ଶିବଶଙ୍କର ପାତ୍ର ଓ ଗିରିଜା ପ୍ରସାଦ ଦାସ ପ୍ରମୁଖ ଗତ ଶୁକ୍ରବାର ଟଙ୍କା ଜମା କରିବାକୁ ଯାଇ କର୍ମଚାରୀଙ୍କ ଦୁର୍ବ୍ୟବହାରର ଶିକାର ହେବାରୁ ଶାଖା ପରିଚାଳକ ଦାୟିତ୍ୱରେ ଥିବା ବର୍ଷା ବୈଶାଳୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତେ ଲିଖିତ ଅଭିଯୋଗ ଦିଅନ୍ତୁ ଏହାର ସମାଧାନର ବାଟ ବାହାର କରିବା ବୋଲି କହିଥିଲେ। ଏନେଇ ବ୍ରହ୍ମପୁରରେ ଥିବା ଆଞ୍ଚଳିକ ପରିଚାଳକଙ୍କ ପାଖରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ଏଠାରେ ଥିବା ଏଟିଏମ୍‌ରେ ଅଧିକାଂଶ ସମୟ ଟଙ୍କା ରହୁ ନ ଥିବାବେଳେ ପାସ୍‌ବୁକ୍ ପ୍ରିଣ୍ଟିଂ ମେଶିନ ମଧ୍ୟ କାମ କରୁନାହିଁ।

## ସଂକ୍ଷେପରେ

### ଆକାଉଣ୍ଟସ୍ ମ୍ୟାନେଜରଙ୍କୁ ଠିକାଦାରଙ୍କ ଧମକ, ୩ ଗିରଫ

ବ୍ରହ୍ମପୁର ଅଫିସ୍,୨୯।୯: ବ୍ରହ୍ମପୁର ପ୍ରେମନଗରସ୍ଥିତ ଏକ କନଷ୍ଟ୍ରକ୍ସନ୍ କମ୍ପାନୀ ଆକାଉଣ୍ଟସ୍ ମ୍ୟାନେଜରଙ୍କୁ ଠିକାଦାର ଧମକ ଦେବା ଅଭିଯୋଗରେ ବଡବଜାର ପୋଲିସ ଶନିବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଭଞ୍ଜନଗର ବଡଧୋବା ସାହିର ସୁନୀଲ କୁମାର ସେଠୀ, ଚମାଖଣ୍ଡି ଥାନା ଅନନ୍ତପୁରର ସତ୍ୟସ୍ୱରୂପ ଜେନା ଏବଂ ବଡବଜାର ଥାନା ଅଧୀନ ଫାଷ୍ଟଗେଟ୍ ପାଣିଗ୍ରାହୀନଗରର ସଚିନ କୁମାର ନାହାକ । ପ୍ରକାଶଯେ, ଗତ ୨୭ତାରିଖରେ ଅଭିଯୁକ୍ତମାନେ ଏକ କନଷ୍ଟ୍ରକ୍ସନ କମ୍ପାନୀ ଆକାଉଣ୍ଟସ୍ ମ୍ୟାନେଜର ପିନାକୀ ଧରଙ୍କୁ କୌଣସି ନିର୍ମାଣ କାର୍ଯ୍ୟକୁ କେନ୍ଦ୍ରକରି ଧମକ ଦେଇଥିଲେ ବୋଲି ବଡବଜାର ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୫୭/୧୮ରେ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

### ଶିଳ୍ପାଞ୍ଚଳରେ ମୁଁ ହିରୋ-ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୨୯।୯: ମହାନଗର ୩୭ନଂ. ୱାର୍ଡ ଶିଳ୍ପାଞ୍ଚଳରେ ଶନିବାର ସନ୍ଧ୍ୟାରେ ମୁଁ ହିରୋ ଓ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜୁ ଯୁବ ବାହିନୀ କର୍ମକର୍ତ୍ତାଙ୍କ ସଂଯୋଜନାରେ ହୋଇଥିବା ସମାବେଶରେ ବିଧାୟକ ଡ଼. ପ୍ରଦୀପ ପାଣିଗ୍ରାହୀ, ମେୟର କେ. ମାଧବୀ, ଡେପୁଟି ମେୟର ଜ୍ୟୋସ୍ନା ନାୟକ, ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ଓ ଜିଲା ବିଜେଡି ଉପସଭାପତି ଉମା ଚରଣ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମାବେଶରେ କର୍ପୋରେଟର ଗୋପାଳ ରେଡ୍ଡୀ, ଗଙ୍ଗାଧର ପାତ୍ର, ଶାନ୍ତି ଦାସ ଓ ମିନତୀ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ସଂଖ୍ୟକ ଛାତ୍ରୀଛାତ୍ର ଯୋଗଦେଇ ମୁଁ ହିରୋ ଓ ମୁଁ ଓଡ଼ିଶା ହେବାର ସଂକଳ୍ପ ନେଇଥିଲେ । ମଳୟ ବିଶୋୟୀ, ରାଜେଶ କୁମାର ପଟ୍ଟନାୟକ, ଚିରଞ୍ଜିବୀ ନାୟକ, ରାଜ କୁମାର ନାୟକ, ବି. ପ୍ରଦୀପ, ଓମ୍ ପ୍ରକାଶ, ମଧୁସ୍ମିତା ପାଢ଼ୀ, ଜେ. ଚନ୍ଦ୍ର ଶେଖର ଓ ଗଣେଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ବିଏମ୍‌ସି ନିର୍ବାଚିତ ପରିଷଦର ପୂରିଲା ୫ ବର୍ଷ କାର୍ଯ୍ୟକାଳ

# ସୋମବାରରୁ ପରିଚାଳନା ଦାୟିତ୍ୱ ନେବେ ଜିଲାପାଳ

■ ଶେଷ ବୈଠକରେ ୪୦ ୱାର୍ଡକୁ ବାହ୍ୟ ମଳମୁକ୍ତ ଘୋଷଣା

■ କର୍ପୋରେଟରଙ୍କୁ ଦିଆଗଲା ବିଦାୟକାଳୀନ ଶୁଭେଚ୍ଛା

ବ୍ରହ୍ମପୁର ଅଫିସ,୨୯।୯

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ନିର୍ବାଚିତ ମେୟର, ଡେପୁଟି ମେୟର ଓ କର୍ପୋରେଟରଙ୍କ ୫ ବର୍ଷ କାର୍ଯ୍ୟକାଳ ରବିବାର ପୂରିବ। ଶନିବାର ଶେଷ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା, ସମସ୍ତଙ୍କୁ ବିଦାୟକାଳୀନ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଏଥିରେ ମେୟର କେ. ମାଧବୀ ଅଧକ୍ଷତା କରିଥିଲେ। କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ମହାନଗରରେ ଗତ ୫ ବର୍ଷରେ ବହୁମୁଖୀ ବିକାଶ ହୋଇଥିବା ସୂଚନା ଦେଇଥିଲେ। ସ୍ୱଚ୍ଛ ବ୍ରହ୍ମପୁର ଓ ଶ୍ରେଷ୍ଠ ବ୍ରହ୍ମପୁର କାର୍ଯ୍ୟକ୍ରମରେ କର୍ପୋରେଟରମାନଙ୍କ ସକ୍ରିୟ ସହଯୋଗରେ ଫଳପ୍ରଦ ରୂପାୟନ ହୋଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ବୈଠକରେ ଡେପୁଟି ମେୟର ଜ୍ୟୋସ୍ନା ନାୟକ, ଡେପୁଟି କମିଶନର ସୌରୀନ୍ଦ୍ର କୁମାର ରାଉତରାୟଙ୍କ ସମେତ ଅନ୍ୟ ଅଫିସର ଓ ଇଞ୍ଜିନିୟରମାନେ ଯୋଗ ଦେଇଥିଲେ। ମହାନଗରର ସମସ୍ତ ୪୦ ୱାର୍ଡକୁ ବାହ୍ୟ ମଳମୁକ୍ତ ଭାବେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଘୋଷଣା କରାଯିବାର ବୈଠକରେ ସୂଚନା ଦିଆଯାଇଥିଲା ।



ମଞ୍ଚାସୀନ ମେୟର, ଡେପୁଟି ମେୟର, କମିଶନର ଓ ଅନ୍ୟମାନେ ।

ସୂଚନାଯୋଗ୍ୟ, ୨୦୧୩ ସେପ୍ଟେମ୍ବର ୧୯ରେ ପୌର ନିର୍ବାଚନ ହୋଇଥିଲା। ସେହି ମାସ ୩୦ରେ କର୍ପୋରେଟରଙ୍କ ପ୍ରଥମ ବୈଠକ ଅନୁଷ୍ଠିତ ହୋଇ ମେୟର ନିର୍ବାଚନ କରାଯାଇଥିଲା। ୧୬ନଂ. ୱାର୍ଡ କର୍ପୋରେଟର କେ. ମାଧବୀ ପ୍ରଥମ ମହିଳା ମେୟର ଭାବେ ନିର୍ବାଚିତ ହୋଇଥିଲେ । ୨୦୧୩ ନଭେମ୍ବର ୨୫ରେ ହୋଇଥିବା ଡେପୁଟି ମେୟର ନିର୍ବାଚନରେ ୩୭ନଂ. ୱାର୍ଡ କର୍ପୋରେଟର ଜ୍ୟୋସ୍ନା ନାୟକ ନିର୍ବାଚିତ ହେଲେ । ଦୁଇ ମହିଳା ମେୟର ଓ ଡେପୁଟି ମେୟର ହୋଇ ରେକର୍ଡ ସୃଷ୍ଟି ହୋଇଥିଲା । ଅନ୍ୟପକ୍ଷରେ ସମୁଦାୟ ୪୦ ୱାର୍ଡରୁ ଶାସକ ବିଜେଡିରୁ ୨୪, କଂଗ୍ରେସରୁ ୧୫ ଓ ଜଣେ ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିଲେ। ତନ୍ମଧ୍ୟରୁ ୨୩ ମହିଳା ବିଭିନ୍ନ ୱାର୍ଡରୁ କର୍ପୋରେଟର ଭାବେ ଜିତିଥିଲେ । ସେହି ନିର୍ବାଚନରେ ଭାଜପା ଖାତା ଖୋଲି ପାରି ନ ଥିଲା। ୨୬ନଂ. ୱାର୍ଡ କଂଗ୍ରେସ କର୍ପୋରେଟରଙ୍କ ପରଲୋକ ଯୋଗୁ ହୋଇଥିବା ଉପ ନିର୍ବାଚନରେ ଭାଜପାର ମହିଳା ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ । ଏହା ପୂର୍ବରୁ ବିଜେଡିରୁ ଜିତିଥିବା ପୂର୍ବତନ ମେୟର ଶିବ ଶଙ୍କର ଦାସ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ କଂଗ୍ରେସ କର୍ପୋରେଟର ବିଜେଡିରେ ସାମିଲ ହେଲେ । ଫଳରେ ପରିଷଦ ଶେଷ ବର୍ଷ କଂଗ୍ରେସ ମୁକ୍ତ ହୋଇ ଯାଇଥିଲା । କାର୍ଯ୍ୟକାଳ ଶେଷ ବେଳକୁ ବିଜେଡିର ୩୬, ୨ ସ୍ୱାଧୀନ ଓ ଆଉ ୨ ଜଣ ଭାଜପା କର୍ପୋରେଟର ଥିଲେ । ରବିବାର ପରିଷଦ କାର୍ଯ୍ୟକାଳ ଶେଷ ହେବା ଓ ସୋମବାରରୁ ପରିଚାଳନା ଦାୟିତ୍ୱ ଗଞ୍ଜାମ ଜିଲାପାଳ ନେବେ ବୋଲି ଶନିବାର ସନ୍ଧ୍ୟାରେ ସରକାରଙ୍କ ନିର୍ଦ୍ଦେଶନାମା ପହଞ୍ଚିଛି ।

ସୂଚନାଯୋଗ୍ୟ, ୧୫୧ ବର୍ଷର ବ୍ରହ୍ମପୁର ପୌରସଂସ୍ଥା ବହୁବାର ସରକାରଙ୍କ ପରିଚାଳନାଧୀନ ହୋଇଥିବା ନଜିର ଅଛି । ପୁରୁଣା ତଥ୍ୟ ନ ଥିଲେ ମଧ ୧୯୪୯ରୁ ୨୦୦୩ ଅକ୍ଟୋବର ସୁଦ୍ଧା ୨୩ ଜଣ ଆଇଏଏସ୍ ଅଧିକାରୀ ବା ଜିଲାପାଳ ଦାୟିତ୍ୱ ତୁଲାଇଥିବା ରେକର୍ଡ ରହିଛି । ୧୯୯୨ରେ ହୋଇଥିବା ପ୍ରତ୍ୟକ୍ଷ ନଗରପାଳ ନିର୍ବାଚନରେ କଂଗ୍ରେସ ନେତା ଚନ୍ଦ୍ରଶେଖର ସାହୁ ନିର୍ବାଚିତ ହୋଇଥିଲେ । ୧୯୯୫ରେ ଜେ.ବି. ପଟ୍ଟନାୟକଙ୍କ କଂଗ୍ରେସ ସରକାର ରାଜ୍ୟର ସମସ୍ତ ପୌରସଂସ୍ଥାକୁ ସେହିବର୍ଷ ଅଗଷ୍ଟ ୧ରେ ଭାଙ୍ଗି ଦେଲେ । କେବଳ ସେତିକି ନୁହେଁ ବିଜୁ ପଟ୍ଟନାୟକଙ୍କ ଜନତା ଦଳ ସରକାର କରିଥିବା ପ୍ରତ୍ୟକ୍ଷ ନଗରପାଳ ନିର୍ବାଚନ ବ୍ୟବସ୍ଥା ବାତିଲ କରି ପରୋକ୍ଷ ନିର୍ବାଚନ ବ୍ୟବସ୍ଥା କରିଥିଲେ । ତାହା ଅପରିବର୍ତ୍ତିତ ଥିଲା ଏବଂ ଆଗାମୀ ପୌର ନିର୍ବାଚନରେ ନଗରପାଳ ଓ ମେୟର ପ୍ରତ୍ୟକ୍ଷ ନିର୍ବାଚନରେ ନିର୍ବାଚିତ ହେବାର ବିଜେଡି ସରକାର ନୂଆ ଆଇନ କରିଛନ୍ତି । ଅପରପକ୍ଷରେ ବ୍ରହ୍ମପୁର ମହାନଗର ନିଗମର ୧୦ ବର୍ଷ ପୂରିଛି ଏବଂ ପ୍ରଥମକରି ପରିଷଦ କାର୍ଯ୍ୟକାଳ ଶେଷ ହେବାରୁ ପରିଚାଳନା ଦାୟିତ୍ୱ ସରକାରଙ୍କ ହାତକୁ ଯାଇଛି ।

## ଆକ୍ରମଣ ମାମଲାରେ ଅଭିଯୁକ୍ତ ଖଲାସ

ବ୍ରହ୍ମପୁର ଅଫିସ,୨୯।୯

ପୂର୍ବଶତ୍ରୁତାକୁ କେନ୍ଦ୍ର କରି କ୍ରିକେଟ ବ୍ୟାଟରେ ଆକ୍ରମଣ ମାମଲାରେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଜଣେ ଅଭିଯୁକ୍ତ ରଞ୍ଜନ ପ୍ରଧାନଙ୍କୁ ଏସିଜେଏମ୍ (ଆଡିଶନାଲ ଚିଫ୍ ଜୁଡିଶିଆଲ ମାଜିଷ୍ଟ୍ରେଟ୍)ନିର୍ଦ୍ଦୋଶରେ ଖଲାସ କରିଛନ୍ତି।

ସୂଚନାଯୋଗ୍ୟ, ଶ୍ରୀରାମ ନଗର ଛକ ଅଞ୍ଚଳରେ ଥିବା ସୁନୀଲ ମାଧୋଇ ୨୦୧୭ ସେପ୍ଟେମ୍ବର ୧୫ରେ ଠିଆ ହୋଇଥିବା ବେଳେ ସେହି ସାହିର ରଞ୍ଜନ କୌଣସି କାରଣକୁ କେନ୍ଦ୍ରକରି ତାଙ୍କ ସହିତ ବାକ୍‌ବିତଣ୍ଡା କରିବା ପରେ ନିକଟରେ ଥିବା ଏକ କ୍ରିକେଟ ବ୍ୟାଟରେ ଆକ୍ରମଣ କରିଥିଲେ । ସୁନୀଲ ଗୁରୁତର ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ଘଟଣାକୁ ନେଇ ସୁନୀଲଙ୍କ ଭଉଣୀ ବଡବଜାରଥାନାରେଏତଲାଦେଇଥିଲେ। ରଞ୍ଜନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନରେ ମୁକୁଳିଥିଲେ । ଏହି ମାମଲାର ବିଚାର ଶନିବାର ଏସିଜେଏମଙ୍କ କୋର୍ଟରେ ଚାଲିଥିବା ବେଳେ ୧୦ ଜଣଙ୍କ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ରଞ୍ଜନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡିଛି ।

■ ମଞ୍ଚନାଟକରୁ ରୂପେଲି ପରଦା କାର୍ଯ୍ୟକ୍ରମ

# 'ମୋ ଶବ ବାହକମାନେ' ମଞ୍ଚସ୍ଥ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ, ୨୯।୯

ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷା କଳାକେନ୍ଦ୍ର ପକ୍ଷରୁ ଏକ ଗବେଷଣାତ୍ମକ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚ ନାଟକରୁ...ରୂପେଲି ପରଦା ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଟାଉନହଲରେ ଆୟୋଜିତ ଉତ୍ସବରେ ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଅକାଶବାଣୀ କେନ୍ଦ୍ର ସହକାରୀ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ, ବିଡିଏ ଅଧକ୍ଷ ସୁବାସ ମହାରଣା, ସୁଦୀପ ସାହୁ ଓ ଅଶୋକ ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ଥିଲେ । ଚଳଚ୍ଚିତ୍ର ଓ ମଞ୍ଚନାଟକ ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ତଥା ଅଭିନେତା ଲେଙ୍କା ଓ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅକାଶବାଣୀର ସହକାରୀ ନିର୍ଦ୍ଦେଶକ ପାଣିଗ୍ରାହୀଙ୍କ ରଚିତ ଓ ଇଂ. ମନୋଜ ଦଣ୍ଡପାଟଙ୍କ ନିର୍ଦ୍ଦେଶିତ ନାଟକ 'ମୋ ଶବ ବାହକମାନେ' ମଞ୍ଚସ୍ଥ ହୋଇଥିଲା । ଏଥିରେ ଦୀପ୍ତିରଞ୍ଜନ ପାଢୀ, କୈଳାସ ପାଣିଗ୍ରାହୀ, ରବି ନାୟକ, ପି. ସୁବାସ ପାତ୍ର, ବିଭୁଦତ୍ତ ଆଚାରୀ ଓ ସସ୍ମିତା ରାଉତଙ୍କ ସମେତ ବହୁ କଳାକାର ଅଭିନୟ କରିଥିଲେ । ପୂର୍ବରୁ ପରିବେଷିତ ନାଟକ ତିତଲି ପାଇଁ ଶ୍ରେଷ୍ଠ ଖଳନାୟକ ଭାବେ ମନୋଜ ଦଣ୍ଡପାଟ ଓ ଶ୍ରେଷ୍ଠ ଅଭିନେତ୍ରୀ ରୂପେ ସଛି ସାରେଗାମାଙ୍କୁ ଅନ୍ୱେଷା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ଡ. ମିହିର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ନିର୍ଦ୍ଦେଶିକା ଉଷାରାଣୀ ମାହାପାତ୍ର ଧନ୍ୟବାଦ ଦେଇଥିଲେ ।

# ଭିଜିଲାନ୍ସ ଜାଲରେ ଗଞ୍ଜାମ ବ୍ଲକ ଜିପିଟିଏ

ବ୍ରହ୍ମପୁର ଅଫିସ/ଗଞ୍ଜାମ,୨୯।୯

ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଜାଲରେ ଛନ୍ଦି ହୋଇଛନ୍ତି ଗଞ୍ଜାମ ବ୍ଲକ ଜିପିଟିଏ ଏମ୍.ସୁପ୍ରଭା ଦେବୀ । ଜଣେ କ୍ଷୁଦ୍ର ଠିକାଦାରଙ୍କଠାରୁ ୧୨ଶହ ଟଙ୍କା ଲାଞ୍ଚ ନେଉଥିବା ପ୍ରମାଣିତ ହେବା ପରେ ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ପରେ ତାଙ୍କ ବ୍ରହ୍ମପୁର ବାସଭବନରେ ଚଢାଉ କରାଯାଇଥିଲା ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି ।

ପ୍ରକାଶଯେ, ରମ୍ଭା ଥାନା ଖଟୁକୁଡା ଗ୍ରାମର ବସନ୍ତ କୁମାର ଛଟେଇ ଜଣେ କ୍ଷୁଦ୍ର ଠିକାଦାର । ସେ ନିକଟରେ ଗଞ୍ଜାମ ବ୍ଲକ ପକ୍ଷରୁ ୨ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ ନିର୍ମାଣ କରି ହସ୍ତାନ୍ତର କରିସାରିଛନ୍ତି। ପ୍ରକଳ୍ପ ବାବଦକୁ ୧୦ ହଜାର ଟଙ୍କା ଇଏମ୍‌ଡି(ଅଗ୍ରୀମ ଟଙ୍କା ଜମା) ବ୍ଲକ କାର୍ଯ୍ୟାଳୟରେ ସେ ଦାଖଲ କରିଥିଲେ। ଉକ୍ତ ଟଙ୍କା ଉଠାଇବାକୁ ଜିପିଟିଏ ଏମ୍.ସୁପ୍ରଭା ଦେବୀଙ୍କୁ ଅନୁରୋଧ କରିଥିଲେ। ସୁପ୍ରଭା ତାଙ୍କୁ ୩୨ଶହ ଟଙ୍କା ଲାଞ୍ଚ ଦେବାକୁ କହିବାରୁ ସେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ । ଶନିବାର ପୂର୍ବାହ୍ନରେ ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ବ୍ଲକ କାର୍ଯ୍ୟାଳୟରୁ ଦୂରରେ ଛକି ରହିଥିଲେ । ଏହି ସମୟରେ ବସନ୍ତ ବ୍ଲକ କାର୍ଯ୍ୟାଳୟକୁ ଯାଇ ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ରଙ୍ଗ ବୋଳା ୧୨ ଶହ ଟଙ୍କା ଜିପିଟିଏଙ୍କୁ ଦେଇଥିଲେ । ସୁପ୍ରଭା ଉକ୍ତ ଟଙ୍କା ନେଇ ନିଜ ଚାମ୍ବରରେ ଥିବା ଆଲମୀରାରେ ରଖିଥିଲେ । କିଛି ସମୟ ପରେ ଭିଜିଲାନ୍ସ ଟିମ୍ ପହଞ୍ଚି ଉକ୍ତ ଟଙ୍କା ଜବତ କରିବା ସହ କେମିକାଲ ଟେଷ୍ଟିଂ କରିଥିଲେ। ଏହା ପଜିଟିଭ୍ ଜଣାପଡିବା ପରେ ସୁପ୍ରଭାଙ୍କୁ ଗିରଫ କରିଥିଲେ। ତାଙ୍କ ବ୍ରହ୍ମପୁର ଆଙ୍କୁଲିସ୍ଥିତ ଲକ୍ଷ୍ମୀନାରାୟଣ ନଗର ଦ୍ୱିତୀୟ ଲେନ୍‌ରେ ଥିବା ବାସଭବନରେ ଚଢାଉ କରାଯାଇଥିଲା। ସମସ୍ତ ଆୟ ଏବଂ ସମ୍ପତ୍ତି ଆକଳନ କରାଯାଇଥିବା ବେଳେ ଆୟ ବହିର୍ଭୁତ ନେଇ କୌଣସି ସୂଚନା ମିଳି ନ ଥିଲା । ଏନେଇ ବ୍ରହ୍ମପୁର ଭିଜିଲାନ୍ସବିଭାଗରେ ନଂ. ୪୨/୧୮ରେ ଏକ ମାମଲା ରୁଜୁ କରାଯାଇ ଜିପିଟିଏଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ପି ସ୍ୱାଇଁ ସୂଚନା ଦେଇଛନ୍ତି ।



ଜିପିଟିଏ ଏମ୍.ସୁପ୍ରଭା ଦେବୀଙ୍କ ଆଲମିରାରୁ ଲାଞ୍ଚ ଟଙ୍କା ଜବତ କରାଯାଉଛି ।

# ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏସ୍‌ପିଙ୍କୁ ସ୍ମାରକ ପତ୍ର

ବ୍ରହ୍ମପୁର ଅଫିସ,୨୯।୯

ବ୍ରହ୍ମପୁର ସହର ତଳି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଓ ନାଗରିକ ସୁରକ୍ଷା ନେଇ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ବ୍ରହ୍ମପୁର ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏସ୍‌ପି ପିନାକ ମିଶ୍ରଙ୍କ ଅନୁପସ୍ଥିତରେ ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଦୃଷ୍ଟି ଗୋଚର କରିବା ସହିତ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗର ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସହ ପାଟ୍ରୋଲିଂ କଡାକଡି କରାଯିବା ନେଇ ଏଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ । ପ୍ରଦତ୍ତ ସ୍ମାରକ ପତ୍ରରେ, ସହରତଳି ଅଞ୍ଚଳରେ ଦିନକୁ ଦିନ ଚୋରି ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ପୋଲିସ ସକ୍ରିୟ ହେବା ସହିତ ପାଟ୍ରୋଲିଂ କଡାକଡି କରିବା ପାଇଁ ଦାବି କରାଯାଇଛି । ବ୍ରହ୍ମପୁର ସହରଠାରୁ ୨୦ କି.ମି. ଦୂରରେ ସହରତଳି ଅଞ୍ଚଳ ସବୁ ରହିଥିବା ବେଳେ ନିକଟରେ ଆଙ୍କୁଶପୁରସ୍ଥିତ ସଦରଥାନା ଓ ନିମଖଣ୍ଡି ଫାଣ୍ଡି ରହିଛି। ଦ୍ରୁତ ଗତିରେ ଜନସଂଖ୍ୟା ଓ ଘରବାରି ବୃଦ୍ଧି ପାଉଥିବା ବେଳେ ସମସ୍ତ ଅଞ୍ଚଳ ସହର ସଂଲଗ୍ନ ହୋଇଥିଲେ ହେଁ ମହାନଗର ନିଗମରେ ଆଜି ଯାଏ ସାମିଲ ହୋଇ ନ ଥିବାରୁ ଉକ୍ତ ଅଞ୍ଚଳ ସବୁ ବିଭିନ୍ନ ପଞ୍ଚାୟତ ଅଧୀନରେ ରହିଛି। ଫଳରେ ଆବଶ୍ୟକ ସଂଖ୍ୟାରେ ଷ୍ଟ୍ରିଟ୍‌ଲାଇଟ୍ ଲାଗିପାରିନାହିଁ । ତେଣୁ ଅନ୍ଧକାର ଓ ଖରାପ ରାସ୍ତାର ସୁଯୋଗ ନେଇ ଅପରାଧୀମାନେ ବିଭିନ୍ନ ଆପରାଧିକ କାର୍ଯ୍ୟ ଘଟାଉଛନ୍ତି ବୋଲି ଅଭିଯୋଗ କରାଯାଇଛି । ତେଣୁ ସମାଧାନ ସ୍ୱରୂପ ନିମଖଣ୍ଡି ଫାଣ୍ଡିକୁ ଥାନା ଓ ବ୍ରଜନଗର ଏବଂ ନୀଳାଞ୍ଚଳ ନଗରରେ ଦୁଇଟି ଫାଣ୍ଡି ସ୍ଥାପନ କରିବାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ, ବ୍ରଜନଗର, ଶକ୍ତିନଗର, ଶ୍ରୀରାମ ନଗର, ଚୈତନ୍ୟ ନଗର, କାଳୁଆ ନଗର, ଗୋବିନ୍ଦ ବିହାର, ବସନ୍ତ ବିହାର, ଅମରାବତୀ ନଗର, ଖାରବେଳ ନଗର, ବାପୁଜୀ ନଗର, ମେଡିକାଲ ବ୍ୟାଙ୍କ କଲୋନୀ, ବାସୁଦେବ ନଗର, ସଞ୍ଜୀବନୀ ବିହାର, ବିଜୟ ବିହାର ଓ ନୀଳାଞ୍ଚଳ ନଗରର ଉନ୍ନୟନ କମିଟି ଓ ନିମଖଣ୍ଡି, ଲୋଚାପଡା ଏବଂ ଭାବିନୀପୁର ପଞ୍ଚାୟତର ନାଗରିକ ପ୍ରତିନିଧିମାନଙ୍କୁ ନେଇ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇଛି। ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ମାରକପତ୍ର ପ୍ରଦାନ ସମୟରେ ଡାକ୍ତର ଅମ୍ବିକା ଚରଣ ମିଶ୍ର, ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ, ହରିହର ନାୟକ, ବି.ଭି.ସାଗର, କେ.ଭୀମା ରାଓ, ବିଜୟ ଚନ୍ଦ୍ର ମିଶ୍ର ଓ ସୁବାସ ପାତ୍ର ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।



ବ୍ରହ୍ମପୁର ଏସ୍‌ପିଙ୍କୁ ସ୍ମାରକ ପତ୍ର ଦେବାକୁ ଆସିଥିବା ମିଳିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା।

■ ଆମ୍ରି ହସ୍‌ପିଟାଲ ପକ୍ଷରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ

# ସୁସ୍ଥ ଜୀବନ ପାଇଁ ସୁସ୍ଥ ଖାଦ୍ୟ ଚୟନ କରିବାକୁ ଆହ୍ୱାନ

ବ୍ରହ୍ମପୁର ଅଫିସ,୨୯।୯

ଆମ୍ରି ହସ୍‌ପିଟାଲ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ହୃତପିଣ୍ଡ ଦିବସ ବ୍ରହ୍ମପୁରରେ ପାଳିତ ହୋଇଯାଇଛି । ହୃଦରୋଗକୁ ନେଇ ସଚେତନ କରିବା ଓ ହୃଦୟ ପାଇଁ ସୁସ୍ଥ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶନିବାର ଏକ ପଦଯାତ୍ରା(ୱାକାଥନ) ଆୟୋଜିତ ହୋଇଥିଲା। ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅତିଥି ଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ୱାକାଥନ କମାପଲ୍ଲୀଛକରୁ ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ପରେ ଟାଉନହଲରେ ପହଞ୍ଚିଥିଲା । ସୁସ୍ଥ୍ୟକର ଖାଦ୍ୟ ଓ ଜୀବନଶୈଳୀ ଗ୍ରହଣ କରି ହୃତପିଣ୍ଡ ଜନିତ ସମସ୍ୟାରୁ ଦୂରେଇ ରଖିବାକୁ ବାର୍ତ୍ତା ଦିଆଯାଇଥିଲା । ଏଥିରେ ଦୈନିକ ୱାକର୍ସ ସଂଘ, ବ୍ୟବସାୟୀ ସଂଘ, କଲେଜ ଛାତ୍ରୀଛାତ୍ର, ନର୍ସ ଓ ବିଶିଷ୍ଟ ଡାକ୍ତରଙ୍କ ସମେତ ସହରରେ ୧୦୦୦ରୁ ଉର୍ଦ୍ଧ୍ୱ ନାଗରିକ ସାମିଲ ହୋଇଥିଲେ। ଏହାପରେ ଟାଉନହଲରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଆମ୍ରି ହସ୍‌ପିଟାଲ କାର୍ଡିଆକ ଥୋରାସିକ ସର୍ଜନ ଡା. ଜିତେନ୍ଦ୍ର ନାଥ ପଟ୍ଟନାୟକ, ଆମ୍ରି ହସ୍‌ପିଟାଲ କାର୍ଡିଓଲୋଜିଷ୍ଟ ଡା. ଲିଙ୍ଗରାଜ ନାଥ, ଆସୋସିଏଟ ଭାଇସ ପ୍ରେସିଡେଣ୍ଟ (ଏଭିପି) ଦିଲୀପ କୁମାର ପାତ୍ର, ଡା. ଶଙ୍କର୍ଷଣ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ହୃଦ୍‌ରୋଗ ସବୁଠୁ ଚିନ୍ତାଜନକ ଅଣ ସଂକ୍ରମକ ରୋଗ । ଭାରତରେ ବୃଦ୍ଧି ପାଉଥିବା ମୃତ୍ୟୁର ମୁଖ୍ୟ କାରଣ ବୋଲି କୁହାଯାଇଥିଲା । ଅଧିକାଂଶ ଲୋକ ଏହାର ଲକ୍ଷ୍ୟକୁ ନେଇ ସଚେତନ ନ ଥିବାରୁ ଏହା ଭାରତ ପାଇଁ ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରୁଛି । ବିଶେଷ କରି ଯୁବବର୍ଗ(୧୮-୨୫ବର୍ଷ)ଙ୍କ ମଧ୍ୟରେ ଏହି ରୋଗ ଲକ୍ଷଣର ଜ୍ଞାନ ଓ ସଚେତନତା ରହିବା ଜରୁରୀ ବୋଲି ଆମ୍ରି ହସ୍‌ପିଟାଲ କାର୍ଡିଆକ ଥୋରାସିକ ସର୍ଜନ ଡା. ପଟ୍ଟନାୟକ କହିଥିଲେ । ସୁସ୍ଥ ଜୀବନ ବିତାଇବାକୁ ହେଲେ ସୁସ୍ଥକର ଖାଦ୍ୟ ଚୟନ କରିବାକୁ ଡା. ନାଥ ଆହ୍ୱାନ ଦେଇଥିଲେ । ଏହି ଦିବସରେ ଅନୁଷ୍ଠିତ ୱାକାଥନ ସିଭିଡି ସମସ୍ୟା ସମ୍ପର୍କରେ ବିଭିନ୍ନ ବୃତ୍ତି ଓ ବର୍ଗର ଲୋକଙ୍କୁ ଅବଗତ କରାଇବା ସହ ସୁସ୍ଥ ହୃଦୟ ଜୀବନଯାପନ ନେଇ ସଚେତନ ସୃଷ୍ଟି କରିବାରେ ସହାୟକ ହେଉଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଦିବସ ପାଳନ ଅବସରରେ ଲୋକଙ୍କୁ ପରବର୍ତ୍ତୀ ୫ ବର୍ଷ ପର୍ଯ୍ୟନ୍ତ ଥିବା ହୃତପିଣ୍ଡ ଜନିତ ବିପଦ ବିଷୟରେ ଜଣାଇବା ଉଦ୍ଦେଶ୍ୟରେ ଅଭିନବ ହୃତପିଣ୍ଡ ବିପଦ ଅନୁଧ୍ୟାନ ପ୍ୟାକେଜକୁ ଉନ୍ମୋଚନ କରାଯାଇଥିଲା । ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇ ବଭିନ୍ନ ବର୍ଗର ଲୋକଙ୍କ ରକ୍ତଚାପ, ଓଜନ, ଶର୍କରା ପରୀକ୍ଷା କରାଯାଇ ପରାମର୍ଶ ଦିଆଯାଇଥିଲା । ଏଥିରେ ହସ୍‌ପିଟାଲର ଅଂଶୁମାନ ପଟ୍ଟନାୟକ, ଦୀପକ ଚୌଧୁରୀ ଓ ସନ୍ତୋଷ ଷଡଙ୍ଗୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।




ଆମ୍ରି ହସ୍‌ପିଟାଲ ପକ୍ଷରୁ ଆୟୋଜିତ ୱାକାଥନ ।

## ସଂକ୍ଷେପରେ

### ଗାୟତ୍ରୀ ମନ୍ଦିରରେ ନବରାତ୍ର ମହୋତ୍ସବ ୧୦ରୁ



**ବ୍ରହ୍ମପୁର ଅଫିସ,୨୯।୯:** ତେଲୁଗୁ ବ୍ରାହ୍ମଣ ସେବା ସଂଘ ଅନୁକୂଲ୍ୟରେ ବ୍ରହ୍ମପୁର ନୀଳକଣ୍ଠନଗର ହାଉସିଂବୋର୍ଡ ଗାୟତ୍ରୀ ମନ୍ଦିରରେ ଅକ୍ଟୋବର ୧୦ରୁ ନବରାତ୍ର ମହୋତ୍ସବ ଅନୁଷ୍ଠିତ ହେବ । ଏହି ମହୋତ୍ସବ ଅକ୍ଟୋବର ୧୮ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ପ୍ରତ୍ୟେକ ଦିନ ପୂର୍ବାହ୍ନରେ ଆଦିମାତା ଓ ଯନ୍ତ୍ରରାଜଙ୍କ ପଞ୍ଚାମୃତାଭିଷେକ, ସହସ୍ର ନାମାର୍ଚ୍ଚନା ଓ ଆଳତି ଅନୁଷ୍ଠିତ ହେବ । ସନ୍ଧ୍ୟାରେ ମହିଳାଙ୍କ ଦ୍ୱାରା ଲଳିତ ସହସ୍ରନାମ ସହ କୁଙ୍କୁମପୂଜା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଶନିବାର ହାଉସିଂବୋର୍ଡସ୍ଥିତ ଗାୟତ୍ରୀ ମନ୍ଦିରରେ ତେଲୁଗୁ ବ୍ରାହ୍ମଣ ସେବା ସଂଘ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିପାଇଁ ସମସ୍ତ ପୂଜା ସାମଗ୍ରୀ ସେବା ସଂଘ ପକ୍ଷରୁ ଯୋଗାଇ ଦିଆଯିବ । ଏଥିରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ସଂଘର ଆର. ତୁମ୍ବନାଥମ, ଟି. ଶ୍ରୀନିବାସ ରାଓ, ଆର.ଏନ. ମୂର୍ତ୍ତି, କେ.ପି. କ୍ରିଷ୍ଣା ରାଓ, ଏମ୍. ଚନ୍ଦ୍ରଶେଖର ପ୍ରମୁଖ ଉପସ୍ଥିତ ଥିଲେ ।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ୍,୨୯।୯:** ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆସନ୍ତା ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାତ ରାଉତରାୟ ଏବଂ ଡେପୁଟି କମିଶନର ସୌରୀନ୍ଦ୍ର ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ । ଗତ ବର୍ଷ ପରି ଶାନ୍ତିଶୃଙ୍ଖଳାର ସହ ଦୁର୍ଗା ପୂଜା ସୁଚାରୁ ରୂପେ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପୂଜା କମିଟିଗୁଡିକୁ ନିବେଦନ କରାଯାଇଥିଲା। ଟ୍ରାଫିକ ସମସ୍ୟାର ଦୂରୀକରଣ ନିମନ୍ତେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ସମସ୍ତ ପୂଜା କମିଟି ପର୍ଯ୍ୟାପ୍ତ ପରିମାଣରେ ସ୍ୱେଚ୍ଛାସେବୀ ରଖିବାକୁ କୁହାଯାଇଥିବା ବେଳେ ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଖଞ୍ଜାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ପ୍ଲାଷ୍ଟିକ ସୋଲରେ ମେଢ ପ୍ରସ୍ତୁତ କରିବାକୁ ବାରଣ କରାଯାଇଥିଲା । ସର୍ବସମ୍ମତି କ୍ରମେ ୨୦ ଅକ୍ଟୋବର ଅପରାହ୍ନ ୪ଟାରୁ ରାତି ୧୦ ଟା ମଧ୍ୟରେ ଭସାଣି ଉତ୍ସବ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅସ୍ଥାୟୀ ବିସର୍ଜନ ସ୍ଥାନ ପୂର୍ବ ବର୍ଷ ଭଳି କାଏମ ରଖିବାକୁ ସ୍ଥିରୀକୃତ ହୋଇଥିଲା। କେତେକ ପୂଜା କମିଟିଙ୍କ ଅନୁରୋଧ କ୍ରମେ ଚଳିତ ବର୍ଷ ଆଙ୍କୁଲି ନିକଟରେ ଏକ ଅସ୍ଥାୟୀ ବିସର୍ଜନସ୍ଥଳୀ ପ୍ରସ୍ତୁତ କରିବାକୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଡେପୁଟି କମିଶନରଙ୍କୁ ଅନୁରୋଧ କରିଥିଲେ । ବୈଠକରେ ସହରର ୩୬ ପୂଜା କମିଟି ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ ଥାନାଧିକାରୀ, ଅଗ୍ନିଶମ ବିଭାଗ କର୍ତ୍ତୃପକ୍ଷ ଓ ଅନ୍ୟ ସମସ୍ତ ବିଭାଗ ପଦାଧିକାରୀ ଉପସ୍ଥିତ ଥିଲେ ।

■ ବ୍ରହ୍ମପୁର ଷ୍ଟେଶନରେ ୪ ଘଣ୍ଟା ଅଟକିଲା ଇଣ୍ଟରସିଟି ଏକ୍ସପ୍ରେସ

# ବିଳମ୍ବ କାରଣ ପଚାରି ମାଡ଼ ଖାଇଲେ ଯାତ୍ରୀ

**ବ୍ରହ୍ମପୁର ଅଫିସ୍,୨୯।୯**

ଟ୍ରେନ୍ ବିଳମ୍ବ ହେବାର କାରଣ ପଚାରି ୨ ଜଣ ଯାତ୍ରୀଙ୍କୁ ମାଡ ଖାଇବାକୁ ପଡ଼ିଛି । ରେଳପଥ କର୍ମଚାରୀଙ୍କ ମାଡରେ ୨ ଜଣ ଯୁବକ ହଟହଟା ହୋଇଛନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ବ୍ରହ୍ମପୁର ରେଳବାଇ ଷ୍ଟେଶନରେ ଏଭଳି ଘଟଣା ଘଟିଛି । ଏ ନେଇ ବ୍ରହ୍ମପୁର ରେଳପଥ ଥାନାରେ ଅଭିଯୋଗ ହେବା ପରେ ମାମଲାର ସମାଧାନ ହୋଇଛି ।

ପ୍ରାପ୍ତ ସୂଚନା ମୁତାବକ, ଶୁକ୍ରବାର ରାତି ପ୍ରାୟ ୮ ଟା ବେଳେ ବିଶାଖାପାଟଣା–ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ବ୍ରହ୍ମପୁର ଷ୍ଟେଶନ ୧ ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲା । ଷ୍ଟେଶନରେ ଅପେକ୍ଷାରତ ଯାତ୍ରୀ ଟ୍ରେନ୍‌ରେ ବସିବା ପରେ ଏହା ପ୍ଲାଟଫର୍ମ ଛାଡିଥିଲା । ୨୦୦ ମିଟର ଆଗକୁ ଗଲା ପରେ ଟ୍ରେନ୍‌ର ବ୍ରେକ୍ ଡାଉନ ହୋଇଯାଇଥିଲା । ଏ ନେଇ ପାଇଲଟ ଷ୍ଟେଶନ ମ୍ୟାନେଜରଙ୍କୁ ଖବର ଦେବାପରେ ଟ୍ରେନ୍‌ଟି ପୁଣି ପଛକୁ ଫେରି ପ୍ଲାଟଫର୍ମରେ ଛିଡ଼ା ହୋଇଥିଲା । ତେବେ ୮ ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଟ୍ରେନର ମରାମତି ହୋଇ ପାରି ନ ଥିବାରୁ ଯାତ୍ରୀମାନେ ନାନା ହଇରାଣ ହୋଇଥିଲେ । ଏପରିକି ଉକ୍ତ ସମୟ ଭିତରେ କୌଣସି ବି ଯାତ୍ରୀ ବ୍ରହ୍ମପୁରରୁ ଭୁବନେଶ୍ୱର ରୁଟ୍ ଦେଇ ଯାଇପାରି ନ ଥିଲେ । ଅହେତୁକ ବିଳମ୍ବ ଯୋଗୁ ଇଣ୍ଟରସିଟିରେ ବସି ବିରକ୍ତି ହୋଇ ସାରିଥିବା କେତେକ ଯାତ୍ରୀ ଷ୍ଟେଶନ ମ୍ୟାନେଜରଙ୍କ ପ୍ରକୋଷ୍ଠକୁ ଯାଇ ବିଳମ୍ବର କାରଣ ପଚାରିଥିଲେ । ତେବେ ମ୍ୟାନେଜରଙ୍କ ପ୍ରକୋଷ୍ଠରେ ଉପସ୍ଥିତ ଥିବା କେତେକ ରେଳପଥ କର୍ମଚାରୀ ଓ ଯାତ୍ରୀଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ୪ରୁ ୫ ଜଣ ରେଳପଥ ଏବଂ ରେଳ ସୁରକ୍ଷା ବଳ କର୍ମଚାରୀ ମିଶି ଆଶୁତୋଷ ସେନାପତି ଓ ସମ୍ବିତ ଆଚାର୍ଯ୍ୟଙ୍କୁ ମାଡ ମାରିଥିଲେ । କର୍ମଚାରୀମାନେ ଆଶୁତୋଷଙ୍କ ମୋବାଇଲ ଫୋନ ଭାଙ୍ଗି ଦେଇଥିଲେ । ଏହି ଘଟଣା ପରେ ବ୍ରହ୍ମପୁର ଷ୍ଟେଶନରେ କିଛି ସମୟ ଧରି ଉତ୍ତେଜନା ଲାଗି ରହିଥିଲା । ପରେ ଆଶୁତୋଷ ରେଳବାଇ ଥାନାରେ ଲିଖିତ ଅଭିଯୋଗ କରଥିଲେ । ରାତି ୧୨ ଟା ପରେ ମରାମତି ହୋଇ ଟ୍ରେନ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା । ଶନିବାର ସକାଳୁ ମାଡ ଖାଇଥିବା ଦୁଇ ଯାତ୍ରୀ ଓ ରେଳପଥ କର୍ମଚାରୀ ଥାନାରେ ପହଞ୍ଚିଥିଲେ । ଉଭୟଙ୍କ ମଧ୍ୟରେ ବୁଝାବଣା ହୋଇ ମାମଲା ସାମଧାନ ହୋଇଥିଲା ବୋଲି ରେଳପଥ ଥାନା ଇନଚାର୍ଜ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି ।



ବ୍ରହ୍ମପୁର ସରକାରୀ ଆଇଟିଆଇ ପକ୍ଷରୁ ଖୋଡାସିଙ୍ଗିରେ ଅନୁଷ୍ଠିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ।

### ଇସକଫ୍ ଜିଲା ପରିଷଦ ବୈଠକ

**ବ୍ରହ୍ମପୁର ଅଫିସ୍,୨୯।୯:** ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସକଫ୍)ଗଞ୍ଜାମ ଜିଲା ପରିଷଦ ବୈଠକ ପାର୍କ ସାହିସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉପସଭାପତି ରାମଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଅନ୍ୟତମ ଉପସଭାପତି ଅଳକନାଥ ମିଶ୍ର ଶୋକ ପ୍ରସ୍ତାବ ଆଗତ କରିବା ପରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ମାନାର୍ଥେ ସ୍ମୃତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପରେ ଜିଲା, ରାଜ୍ୟ ଏବଂ ଜାତୀୟ ସମ୍ମିଳନୀ ଏବଂ ସାଂଗଠନିକ ବିଷୟ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ଗୃହୀତ ହୋଇଥିଲା। ନଭେମ୍ବର ୪ରେ ଦିଗପହଣ୍ଡିରେ ଜିଲା ସମ୍ମିଳନୀ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏଥିରେ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଭ୍ୟ ଗୋକୁଳ ଚନ୍ଦ୍ର ପଣ୍ଡା, ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ସମ୍ପାଦକ ହର ପ୍ରସାଦ ରଥ, ବିଦେଶୀ ନାହାକଙ୍କ ସମେତ ହୃଷୀକେଶ ମହାନ୍ତି, ପଞ୍ଚାନନ ସ୍ୱାଇଁ, ବିମଳା ମହାନ୍ତି, ପ୍ରଫୁଲ୍ଲ ପାଣିଗ୍ରାହୀ, କୈଳାସ ପଲେଇ ଓ ରଞ୍ଜିତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

## କ୍ଷେତ୍ର ପ୍ରଚାର ବିଭାଗର ସ୍ୱଚ୍ଛ ଭାରତ କର୍ମଶାଳା

**ବ୍ରହ୍ମପୁର ଅଫିସ୍,୨୯।୯**

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କ୍ଷେତ୍ର ପ୍ରଚାର କାର୍ଯ୍ୟାଳୟ ବ୍ରହ୍ମପୁର ଶାଖା ପକ୍ଷରୁ ହିଞ୍ଜିଳିକାଟୁ ବ୍ଲକ ବୁରୁପଡା ଗ୍ରାମ ଭଗବତୀ ବିଦ୍ୟାପୀଠରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷ ଏନ.ରଘୁନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ବୁରୁପଡା ସରପଞ୍ଚ ଉମାଶଙ୍କର ସାବତ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବିଷୋୟୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ନାୟକ, ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ଶିକ୍ଷାଧିକାରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢୀ ସଂଯୋଜନା କରିଥିବା ବେଳେ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ସ୍ୱଚ୍ଛଭାରତ ମିଶନ ମାଧ୍ୟମରେ ସରକାର ପାଇଖାନା ନିର୍ମାଣ ପାଇଁ ପ୍ରୋତ୍ସାହନ ରାଶି ଯୋଗାଇ ଦେଉଥିବା ବେଳେ ସମସ୍ତେ ସଚେତନ ହେବାକୁ ଆବଶ୍ୟକ, ସେହିପରି ସ୍ୱଚ୍ଛ ରହିଲେ ସୁସ୍ଥ ପରିବେଶ ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ନେଇ ଜୀବନ ବିତାଇ ପାରିବା ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ପରେ ଅନୁଷ୍ଠିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଡଷ୍ଟବିନ୍ ବାଲଟି ଏବଂ ହ୍ୟାଣ୍ଡ୍ ୱାସ୍ ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା । କର୍ମଶାଳାକୁ ଭିଏସ ଫନୀ କୁମାର, ପ୍ରମୋଦ କୁମାର ସାବତ ଓ ରଙ୍ଗାଧର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷକ ବାଳକୃଷ୍ଣ ଗୌଡ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଡଷ୍ଟବିନ୍ ବାଲଟି ଏବଂ ହ୍ୟାଣ୍ଡ୍ ୱାସ୍ ପୁରସ୍କାର ଭାବେ ପ୍ରଦାନ କରାଯାଉଛି ।

### ହୃଦ୍‌ରୋଗ ସଚେତନତା ଶିବିର

**ବ୍ରହ୍ମପୁର ଅଫିସ,୨୯।୯:** ବ୍ରହ୍ମପୁର ଦଲୁଆ ସାହିସ୍ଥ ଡାଇବେଟିସ୍ ସେଣ୍ଟରରେ ଶନିବାର ହୃଦ୍‌ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ମଧୁମେହ ବିଶେଷଜ୍ଞ ଡ଼ା. ପ୍ରମୋଦ ଅଗ୍ରୱାଲ ଯୋଗଦେଇ କହିଥିଲେ,ସମ୍ପ୍ରତି ବିଶ୍ୱରେ ହୃଦ୍‌ରୋଗ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଦେଇଛି । ସ୍ୱାସ୍ଥ୍ୟ ପ୍ରତି ସଚେତନତା ଅଭାବରୁ ଭାରତରେ ଏହି ରୋଗରେ ପୀଡ଼ିତ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି । ପରିବର୍ତ୍ତିତ ଜୀବନଶୈଳୀ, ପ୍ରତିଦିନ ଶ୍ରମ ଓ ବ୍ୟାୟାମର ଅଭାବ, ଫାଷ୍ଟଫୁଡର ବହୁଳ ବିକ୍ରି, ଧୂମପାନ, ନିଶାଭ୍ୟାସ, ମଧୁମେହ, ରକ୍ତଚାପ ଓ ମେଦ ବହୁଳତା ହୃଦ୍‌ରୋଗର କାରଣ ହୋଇଥିବା ସେ ସୂଚାଇଥିଲେ । ହୃଦ୍‌ରୋଗକୁ ଆରମ୍ଭରୁ ଚିହ୍ନଟ କରି ଆଶୁ ଚିକିତ୍ସା ଦ୍ୱାରା ଏଥିରୁ ମୁକ୍ତି ମିଳିପାରିବ । ପ୍ରଭାତ କୁମାର ସାହୁ ପରିଚାଳନା କରିଥିବା ବେଳେ ବହୁ ମଧୁମେହ ରକ୍ତଚାପ ରୋଗୀ ଉପସ୍ଥିତ ଥିଲେ ।

## ବଲ୍ଲଭ ଭାଇ ପଟେଲ ସଂଘର ପ୍ରଗତି ଦିବସ


ପଥପ୍ରାନ୍ତ ସଭାରେ ଉପସ୍ଥିତ ସଂଘର କର୍ମକର୍ତ୍ତା

**ବ୍ରହ୍ମପୁର ଅଫିସ,୨୯।୯**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସଂଘ ପକ୍ଷରୁ ଶନିବାର ହରିଡାଖଣ୍ଡି ଛକରେ ସର୍ଜିକାଲ ଷ୍ଟ୍ରାଇକ ଦିବସ ତଥା ପ୍ରଗତି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମାଓବାଦୀଙ୍କ ଗୁଳିରେ ଶହୀଦ ହେଇଥିବା ସୁଶାନ୍ତ ଗୌଡ ଓ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଶ୍ରୀନିବାସ ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ହରିଡାଖଣ୍ଡି ଛକରେ ଅନୁଷ୍ଠିତ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଦୁଇବର୍ଷ ତଳେ ହୋଇଥିବା ସର୍ଜିକାଲ ଷ୍ଟ୍ରାଇକ୍‌ରେ ଭାରତୀୟ ସେନା ବୀରତ୍ୱର ପରାକାଷ୍ଠା ଭାରତବାସୀଙ୍କୁ ଗୌରବାନ୍ୱିତ କରିଛି ବୋଲି ବକ୍ତାମାନେ କହିଥିଲେ । ସଂଘ କର୍ମକର୍ତ୍ତାମାନେ ବାଣଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ । ଏଥିରେ ସଂଘ ସଭାପତି ରାମକୁମାର ପାତ୍ର, ଏସଆଇ ସୁଶାନ୍ତ କୁମାର ଜେନା, ଏସ୍ଆଇ ନାରାୟଣ ସାବତ, ଭାଜପା ଯୁବମୋର୍ଚ୍ଚା ସଭାପତି ସିଦ୍ଧାନ୍ତ ଗଙ୍ଗଦେବ ଯୋଗ ଦେଇ ସର୍ଜିକାଲ ଷ୍ଟ୍ରାଇକରେ ଭାରତୀୟ ସେନାଙ୍କ ପରାକ୍ରମ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର କିରଣ କୁମାର ସାହୁ, ମଧୁସୂଦନ ସାହୁ, କମଳ କୁମାର ପାତ୍ର, ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା, ଆଶୋକ ନିମାଇଁ, ଅଭିନେତା ରଞ୍ଜିତ ନନ୍ଦ, ରଜେଶ କୁମାର ମାଝି, ଉମାଶଙ୍କର ପାଣିଗ୍ରାହୀ, ଦୀପକ ମିଶ୍ର, ରାଜେନ୍ଦ୍ର ନାୟକ, କେ. ରବି ରାଓ ପ୍ରମୁଖ ସହଯୋଗ କରିଥିଲେ ।

■ ଶ୍ରମିକଙ୍କୁ ଠକୁଛି ସବୁଜ ପତ୍ରିକା ବିକାଶ ପରିଷଦ

## ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଶ୍ରମିକ ସଂଗଠନର ଦାବିପତ୍ର


ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ବ୍ରହ୍ମପୁର ଅଫିସ,୨୯।୯**

ଗଞ୍ଜାମ ଜିଲାରେ ଶ୍ରମିକମାନଙ୍କୁ ନାନା ପ୍ରଲୋଭନ ଦେଖାଇ ଟଙ୍କା ଆଦାୟ କରାଯାଉଥିବା ନେଇ ଅଭିଯୋଗ ହୋଇଛି । ସବୁଜ ପତ୍ରିକା ବିକାଶ ପରିଷଦ ନାମରେ ସଂସ୍ଥାର କର୍ମକର୍ତ୍ତାମାନେ ବିଭିନ୍ନ ଅଞ୍ଚଳରେ ନିର୍ମାଣ ଶ୍ରମିକଙ୍କଠାରୁ ଏଭଳି ଟଙ୍କା ଆଦାୟ କରୁଛନ୍ତି । ୧୫ ଦିନ ଭିତରେ ପଞ୍ଜୀକୃତ କରି ପରିଚୟପତ୍ର ପ୍ରଦାନ କରିବା, ୧୦ ଦିନ ମଧ୍ୟରେ ନବୀକରଣ କରିବା, ୨ ମାସ ମଧ୍ୟରେ ସହାୟତା ରାଶି ପ୍ରଦାନ କରିବା ଭଳି ନାନା ପ୍ରଲୋଭନ ଦେଖାଇ ନିରୀହ ନିର୍ମାଣ ଶ୍ରମିକଙ୍କଠାରୁ ଶହ ଶହ ଟଙ୍କା ଆଦାୟ କରୁଛନ୍ତି । ଶ୍ରମ ବିଭାଗ ଦ୍ୱାରା ଏଭଳି କୌଣସି ସଂସ୍ଥା ପଞ୍ଜୀକୃତ ହୋଇ ନ ଥିବା ବେଳେ ଏହି ସଂସ୍ଥା ନିର୍ଦ୍ୱନ୍ଦ୍ୱରେ ଶ୍ରମିକଙ୍କୁ ଠକି ଚାଲିଛି । ଉକ୍ତ ସଂସ୍ଥା ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି । ଏନେଇ ଓଡିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ସଦସ୍ୟ ରାଜେନ୍ଦ୍ର ଦାଶଙ୍କ ନେତୃତ୍ୱରେ ଗୁରୁବାର ଗଞ୍ଜାମ ଜିଲା ଶ୍ରମିକ ସମନ୍ୱୟ ସମିତି ସଦସ୍ୟମାନେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଉଦ୍ଦେଶ୍ୟରେ ଜିଲା ଶ୍ରମ ଅଧିକାରୀ ବାବୁ ଚରଣ ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଶ୍ରମ ବିଭାଗରେ ଆନସଙ୍ଗିକ ବ୍ୟବସ୍ଥା ନ ଥିବା ହେତୁ ଏଭଳି ସଂସ୍ଥା ନିରୀହ ନିର୍ମାଣ ଶ୍ରମିକଙ୍କୁ ବିଭ୍ରାନ୍ତି ସୃଷ୍ଟିକରି ଠକିବାର ସୁଯୋଗ ପାଉଛନ୍ତି । ଏଥିଯୋଗୁ ନିର୍ମାଣ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟ କରୁଥିବା ୟୁନିୟନଗୁଡ଼ିକ ଉପରୁ ଶ୍ରମିକଙ୍କ ବିଶ୍ୱାସ ତୁଟିଯାଉଥିବା ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଛନ୍ତି । ତେଣୁ ତୁରନ୍ତ ଉକ୍ତ ସଂସ୍ଥା ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ବିଏମ୍‌ଏସ୍‌ର ରାଜେନ୍ଦ୍ର ନାୟକ,ଏଆଇଟିୟୁସିର ପ୍ରବୀଣ ଦାଶ, ଆଇଏନଟିୟୁସିର ଭୋକାଲି ସେଠୀ, ଏଚ୍‌ଏମ୍‌ଏସ୍‌ର ସତ୍ୟ ନାରାୟଣ ତ୍ରିପାଠୀ, କୈଳାସ ମିଶ୍ର, ଶ୍ରୀକାନ୍ତ ପଣ୍ଡା, ସଞ୍ଜୟ ଭୋପା, ମୁକୁନ୍ଦ ମହାନ୍ତି, ସୁରେଶ ମହାରଣା ଓ ଭଗବାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଅବକାରୀ ଧରପଗଡ଼: ଦେଶୀ ମଦ,୯୦୦ ଲିଟର ପୋଚ ନଷ୍ଟ

**ବ୍ରହ୍ମପୁର ଅଫିସ୍,୨୯।୯**

ବ୍ରହ୍ମପୁର ଅବକାରୀ ବିଭାଗ, କୁକୁଡାଖଣ୍ଡି ତହସିଲ ପ୍ରଶାସନ ମିଳିତ ଭାବେ ଆଦିବାସୀ ଅଞ୍ଚଳ କୁମ୍ଭରୀ ଏବଂ ବେଲପଡା ଗ୍ରାମରେ ଚଢାଉ କରାଯାଇ ବହୁପରିମାଣ ମଦ ଓ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି । ପୃଥକ ଭାବେ ୩ ମାମଲା ରୁଜୁ କରାଯିବା ସହ ଜଣେ ମହିଳାଙ୍କୁ ଗିରଫ କରାଯାଇଛି । ସେ ହେଲେ ସୁମିତ୍ରା ମଲିକ । କୁମ୍ଭରୀ ଅଞ୍ଚଳରେ ବ୍ୟାପକ ଦେଶୀ ରନ୍ଧା ମଦ ହେଉଥିବା ନେଇ ଖବର ମିଳିବା ପରେ ବ୍ରହ୍ମପୁର ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ କୁକୁଡାଖଣ୍ଡି ତହସିଲଦାର ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସମେତ ବନବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଉଭୟ ଗ୍ରାମରେ ଚଢାଉ କରାଯାଇଥିଲା । ଚଢାଉ ସମୟରେ ସେହି ଅଞ୍ଚଳରୁ ୧୨୬ ଲିଟର ଦେଶୀ ରନ୍ଧା ମଦ ଜବତ କରାଯିବା ସହ ୯୦୦ ଲିଟର ପୋଚ ନଷ୍ଟ କରାଯାଇଥିଲା । ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି ।


ବ୍ରହ୍ମପୁର ଅବକାରୀ ବିଭାଗ ଏବଂ କୁକୁଡାଖଣ୍ଡି ତହସିଲ ପ୍ରଶାସନର ମିଳିତ ଚଢାଉରେ ଉପସ୍ଥିତ ଅଧିକାରୀମାନେ ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୩୦।୯।୨୦୧୮ (ରବିବାର)

- ମହାବୀର ଶ୍ରମିକ ସଂଘର ସାଧାରଣ ପରିଷଦ ବୈଠକ। ସ୍ଥାନ- ମହାବୀର ଶ୍ରମିକ ସଂଘ କାର୍ଯ୍ୟାଳୟ ପରିସର, ଜି.ଉଦୟଗିରି, ସମୟ- ପୂର୍ବାହ୍ନ ୧୦ଟା।
- ବିଜେଡି ମହିଳା ସମାବେଶ। ସ୍ଥାନ- ରଘୁନାଥପୁର ଗୋଜବାୟାଣୀ ମନ୍ଦିର ନିକଟ, ସମୟ-ଅପରାହ୍ନ ୨ଟା।
- ମହିଳା ବିଜେଡି ସମ୍ମିଳନୀ। ସ୍ଥାନ- ଭଞ୍ଜନଗର ନିୟନ୍ତ୍ରୀତ ବଜାର କମିଟି ପରିସର, ସମୟ-ପୁର୍ବାହ୍ନ ୧୦ଟା ୩୦ ମିନିଟ୍।
- ଆଇନ ସଚେତନତା ଶିବିର। ସ୍ଥାନ- ଲାଲ୍‌ସିଂ ହାଇସ୍କୁଲ, ସମୟ-ସକାଳ ୯ଟା ୩୦ ମିନିଟ୍।
- କ୍ରିଷ୍ଣା ଚଳଚ୍ଚିତ୍ର ଶୁଭମୁକ୍ତି। ସ୍ଥାନ-ବିଜୁ ପଟ୍ଟନାୟକ ସଂସ୍କୃତି ଭବନ, ସମୟ- ସନ୍ଧ୍ୟା ୭ଟା।
- ରାଜୀବ ଆବାସ ଗୃହ ପ୍ରଦାନ କାର୍ଯ୍ୟକ୍ରମ। ସ୍ଥାନ-ଧାନମେରା ସାହି, ସମୟ-ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ଏନ୍‌ଟିଆର ସେବାସମିତରେ ରକ୍ତଦାନ ଶିବିର। ସ୍ଥାନ-ମ୍ୟୁନିସିପାଲ କମ୍ୟୁନିଟି ହଲ,ସମୟ-ପୂର୍ବାହ୍ନ ୧୦ଟା।
- ରୋଟରୀକ୍ଲବର ସକ୍ଷମ କାର୍ଯ୍ୟକ୍ରମ। ସ୍ଥାନ-ଏମ୍‌କେସିଜି ମେଡିକାଲ କଲେଜ, ସମୟ-ସକାଳ ୯ଟା।
- ଗଞ୍ଜାମ ଜିଲା ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ବୈଠକ। ସ୍ଥାନ-ବିଶ୍ୱନାଥ କଲ୍ୟାଣ ମଣ୍ଡପ, ଗେଟବଜାର, ସମୟ-ପୂର୍ବାହ୍ନ ୧୧ଟା।
- ଗଞ୍ଜାମ ଜିଲା ବିଜେଡିର ବୈଠକ। ସ୍ଥାନ-ଜିଲା କାର୍ଯ୍ୟାଳୟ, ସମୟ- ଅପରାହ୍ନ ୪ଟା ୩୦ ମିନିଟ୍।

### ୧।୧୦।୨୦୧୮ (ସୋମବାର)

- ଚାରାରୋପଣ କାର୍ଯ୍ୟକ୍ରମ। ସ୍ଥାନ- ନ୍ୟୁଏରା ପବ୍ଲିକ ସ୍କୁଲ ବୁଗୁଡ଼ା, ସମୟ- ଅପରାହ୍ନ ୩ଟା।
- ବ୍ଲକ ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ ଦିବସ। ସ୍ଥାନ- ଏମ୍‌କେସିଜି ମେଡିକାଲ କଲେଜ ଅଡିଟୋରିୟମ,ସମୟ-ସକାଳ ୯ଟା।

### ୨।୧୦।୨୦୧୮ (ମଙ୍ଗଳବାର)

- ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ। ସ୍ଥାନ- ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଜି.ଉଦୟଗିରି, ସମୟ- ସକାଳ ୮ଟା।
- ବ୍ଲକ ସ୍ତରୀୟ ନୂତନ ଖାଦ୍ୟସୁରକ୍ଷା କାର୍ଡ ବଣ୍ଟନ। ସ୍ଥାନ- ବ୍ଲକ ସଭାଗୃହ, ସମୟ- ଅପରାହ୍ନ ୩ଟା।
- ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ। ସ୍ଥାନ- ପବ୍ଲିକ ସ୍କୁଲ ସଭାଗୃହ, ସମୟ-ସକାଳ ୯ଟା।
- ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରତ୍ୟେକ ପଞ୍ଚାୟତରେ ଗ୍ରାମସଭା। ସ୍ଥାନ- ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୦ଟା।
- ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରେ ସୁସ୍ଥ ଓଡ଼ିଶା ସ୍ୱଚ୍ଛ ଓଡ଼ିଶା କାର୍ଯ୍ୟକ୍ରମ ଓ ସ୍ୱତନ୍ତ୍ର ଗ୍ରାମସଭା। ସ୍ଥାନ- ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତ, ସମୟ - ପୂର୍ବାହ୍ନ ୧୦ଟା ।
- ଆସିକା ଫ୍ରେଣ୍ଡସ କ୍ଲବ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ। ସ୍ଥାନ- କଳିଙ୍ଗାରୋଡ, ସମୟ - ପୂର୍ବାହ୍ନ ୧୦ଟା ।

### ୩।୧୦।୨୦୧୮ (ବୁଧବାର)

- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ। ସ୍ଥାନ- ବାଲିପଦର, ସମୟ- ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଦିବସ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ- ପୂର୍ବାହ୍ନ ୧୧ଟା।

### ୪।୧୦।୨୦୧୮ (ଗୁରୁବାର)

- କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ। ସ୍ଥାନ-କରଚୁଲି କ୍ଲଷ୍ଟର, ସମୟ- ପୂର୍ବାହ୍ନ ୧୦ଟା।
- ଦିଗପହଣ୍ଡି ବ୍ଲକ କରପଡ଼ା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ। ସ୍ଥାନ- କରପଡ଼ା ଗ୍ରାମ, ଦିଗପହଣ୍ଡି, ସମୟ-ପୂର୍ବାହ୍ନ ୧୧ଟା।

### ୫।୧୦।୨୦୧୮ (ଶୁକ୍ରବାର)

- କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ। ସ୍ଥାନ- ରାମଣ୍ଡା କ୍ଲଷ୍ଟର, ସମୟ- ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟର ସ୍ତରୀୟ ଶିଶୁ ପ୍ରତିଭାଚୟନ ସୁରଭି କାର୍ଯ୍ୟକ୍ରମ। ସ୍ଥାନ-ଗୋକର୍ଣ୍ଣପୁର ହାଇସ୍କୁଲ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗଙ୍କ ନିମନ୍ତେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ। ସ୍ଥାନ- ବ୍ଲକ ପଞ୍ଚାୟତ ଅଧିକାରୀଙ୍କ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।

### ୬।୧୦।୨୦୧୮ (ଶନିବାର)

- କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ। ସ୍ଥାନ- ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ପୂର୍ବାହ୍ନ ୧୧ଟା।
- ବିଜୁ କୃଷକ ସଚେତନତା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ। ସ୍ଥାନ-ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ- ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ବିଭିନ୍ନ ସରକାରୀ ଯୋଜନା ଅଗ୍ରଗତି ସମ୍ପର୍କିତ ସମୀକ୍ଷା। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ- ଅପରାହ୍ନ ୩ଟା।

## ସଂକ୍ଷେପରେ

### ସୁଧାକିରଣ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା




**ରାଇକିଆ,୨୯।୯(ଡି.ଏନ୍.ଏ.):** ରାଇକିଆ ସ୍ଥିତ ସୁଧାକିରଣ କଲେଜର ନୂତନ ଛାତ୍ରୀଛାତ୍ରୀଙ୍କୁ ନେଇ ଶୁକ୍ରବାର ଅଧକ୍ଷ ରବୀନ୍ଦ୍ର ସାମଲଙ୍କ ଅଧକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ତହସିଲଦାର ଶୁଭମ ବାହିନୀ ପତି ଯୋଗ ଦେଇ ଛାତ୍ର ଜୀବନର ଅଭିଜ୍ଞତା, ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧାପିକା, ଅଧାପକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଶହୀଦ ଭଗତ ସିଂ ଜୟନ୍ତୀ ପାଳିତ



**ଜି.ଉଦୟଗିରି,୨୯।୯(ଡି.ଏନ.ଏ.):** ଜି.ଉଦୟଗିରି ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ପତଞ୍ଜଳୀ ଯୁବ ଭାରତ ପକ୍ଷରୁ ଶହୀଦ ଭଗତ ସିଂଙ୍କ ୧୧୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୋନିକା ନାୟକ, ସୁଚିତ୍ରା ଦାଶ, ସୁକନ୍ୟା ନାୟକ, ବର୍ଷାରାଣୀ ପଣ୍ଡା ଓ ଈପ୍‌ସିତା ମାଝୀ ପ୍ରମୁଖ ଶହୀଦ ଭଗତ ସିଂଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ।

### ମୋମୋ ଚ୍ୟାଲେଞ୍ଜ ନେଇ ଆଲୋଚନାଚକ୍ର




**ଚିକିଟି,୨୯।୯(ଡି.ଏନ.ଏ.):** ଚିକିଟିଗଡସ୍ଥିତ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ମଧାହ୍ନରେ ଅଧକ୍ଷ ଡ. ବିଚିତ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ମୋମୋ ଚ୍ୟାଲେଞ୍ଜ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେ.ନୂଆଗାଁ ଥାନାଧିକାରୀ ସୁଜିତ୍ କୁମାର ନାୟକ ଯୋଗଦେଇ ବିଶ୍ୱରେ ମୋମୋ ଚ୍ୟାଲେଞ୍ଜ ଏଭଳି ଏକ ଗେମ୍ ଯାହା ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମନରେ ଭୟର ଆତଙ୍କ ସୃଷ୍ଟି କରିଛି। ତାହା କିପରି ଦୂର କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ଏହି ଗେମ୍ ଦ୍ୱାରା ଛାତ୍ରୀଛାତ୍ରମାନେ ପ୍ରଭାବିତ ନହୋଇ ସେଥିରୁ ନିବୃତ୍ତ ରହିବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇଂଲିଶ ବିଭାଗର ବରିଷ୍ଠ ପ୍ରାଧାପକ ଦଶରଥ ରାଉତ, ଆଇକ୍ୟୁଏସ୍‌ର ସଂଯୋଜକ ତଥା ପ୍ରାଧାପକ ଡ. ଭବାନୀ ପ୍ରସାଦ ପଣ୍ଡା, ଅଧାପକ ବିଶ୍ୱନାଥ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ମୋବାଇଲ୍‌ର ବିଭିନ୍ନ ଉପକାର ଓ ଅପକାର ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧାପିକା ଓ ଅଧାପକ ପରିଚାଳନା କରିଥିଲେ।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



**ବୁଗୁଡ଼ା,୨୯।୯(ଡି.ଏନ.ଏ.):** ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ବୁଗୁଡ଼ା ଶାଖା ଆନୁକୂଲ୍ୟାରେ ଶୁକ୍ରବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କରାଯାଇଥିଲା। ସମ୍ପୃକ୍ତ ବ୍ୟାଙ୍କର ବୁଗୁଡ଼ା ଶାଖା ପରିଚାଳକ ମହେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଭାରତ ମିଶନକୁ ସଫଳ କରିବା ପାଇଁ ଏହି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ବୁଗୁଡ଼ା ଏନ୍‌ଏସିର ବିଭିନ୍ନ ସ୍ଥାନରେ ହୋଇଥିଲା। ଏଥିରେ ବ୍ୟାଙ୍କ ସୁପରଭାଇଜର ସାରଙ୍ଗଧର ଦାଶ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଷୋୟୀ, ପ୍ରତାପ ଚନ୍ଦ୍ର ପାତ୍ରଙ୍କ ସମେତ ବୁଗୁଡ଼ା ବ୍ଲକର ୧୪ଟି ସେବା ସମବାୟ ସମିତିର ସମ୍ପାଦକ ଓ କର୍ମଚାରୀମାନେ ସାମିଲ ଥିଲେ।

## ■ ବିକାଶଠୁ ଦୂରରେ ଦେବୀପୁର ଗାଁ

# ୩ ବର୍ଷ ହେଲା ଜବ୍‌କାର୍ଡଧାରୀଙ୍କୁ ମିଳିନି କାମ

**ଚିକିଟି,୨୯।୯(ଡି.ଏନ.ଏ.)**

ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଦେବୀପୁର ଗ୍ରାମବାସୀ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟଜଳ, ବିଦ୍ୟୁତ୍ ଆଦି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଗ୍ରାମରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାରର ୧୨୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ତେବେ ସେମାନେ ବିକାଶ କ'ଣ ଜାଣିନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଗ୍ରାମଠାରୁ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାୟ ୪ କିମି ଦୂର। ସେଠାକୁ ଯିବାକୁ ଗୋଟିଏ ମାତ୍ର ରାସ୍ତା ଅଛି, ଯାହାକି ସାମାନ୍ୟ ବର୍ଷା ହେଲେ ବିପର୍ଯ୍ୟସ୍ତ ହୋଇପଡେ। ଉକ୍ତ ରାସ୍ତାରେ ଛାତ୍ରୀଛାତ୍ର ଓ ଭତ୍ତା ଆଣିବାକୁ ଯାଉଥିବା ବୃଦ୍ଧାବୃଦ୍ଧମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଏପରିକି ଗାଁକୁ ଆମ୍ବୁଲାନ୍ସ ମଧ୍ୟ ଯାଇପାରେନାହିଁ।

ରାସ୍ତା ମରାମତି ପାଇଁ ଗ୍ରାମବାସୀ ବହୁବାର ପଞ୍ଚାୟତ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ସୁଫଳ ମିଳୁ ନ ଥିବା ଗ୍ରାମର ସାହେବ ଦଳାଇ, ନରସିଂହ ଜାନ୍ହି, ବିକାଶ ଦଳାଇ, କ୍ଷେତ୍ରୀ ନାୟକ, ସାଗର ନାୟକ, କୁରା ଦଳାଇ, ଅଭି ନାୟକ, ବିଦ୍ୟା ଦଳାଇ ପ୍ରମୁଖ ଅଭିଯୋଗ କରିଛନ୍ତି। ଗ୍ରାମକୁ ସ୍ୱାସ୍ଥ୍ୟକର୍ମୀ ଆସନ୍ତିନି। ଅଙ୍ଗନୱାଡି କେନ୍ଦ୍ରଟିଏ ନାହିଁ।



ଶୋଚନୀୟ ରାସ୍ତା।

ଗର୍ଭବତୀ ଓ ଶିଶୁମାନେ ସ୍ୱାସ୍ଥ୍ୟସେବା ଓ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ଅଛନ୍ତି। ମମତା ଯୋଜନାରେ ଜାତୀୟ ମାତୃ ମଙ୍ଗଳ ଯୋଜନା, ହରିଶ୍ଚନ୍ଦ୍ର ଯୋଜନା ଗ୍ରାମରେ ଅପହଞ୍ଚ ରହିଛି। ଅଧିକାଂଶ ଲୋକ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା ଓ ବିଜୁ କୃଷକ ସ୍ୱାସ୍ଥ୍ୟବୀମା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମରେ ଥିବା ଏକମାତ୍ର ନଳକୂପରୁ ଦୁର୍ଗନ୍ଧ ପାଣି ବାହାରୁଛି। ତେଣୁ ନିକଟରେ ଥିବା ଝରଣା ପାଣି ପିଇବାକୁ ବାଧ ହେଉଛନ୍ତି। ଯଦ୍ୱାରା ଗ୍ରାମବାସୀ ବିଭିନ୍ନ ଜଳବାହିତ ରୋଗରେ ପଡି ହଇରାଣ ହେଉଛନ୍ତି। ବିପିଏଲ୍ ପରିବାରଗୁଡିକୁ ବିଦ୍ୟୁତ୍ ସଂଯୋଗ ଦେବା ନିମନ୍ତେ ୬ବର୍ଷ ପୂର୍ବେ ସର୍ଭେ କରାଯାଇ ଘରେ ୱାଇରିଂ କରାଯିବା ସହ ମିଟର ବସାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ୪ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ପାରିନାହିଁ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜବ୍‌କାର୍ଡଧାରୀଙ୍କୁ ଠିକ୍ ଭାବେ କାମ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏପରିକି ଗତ ୩ ବର୍ଷ ହେଲାଣି ଗ୍ରାମର ଜଣେ ହେଲେ ବି ଜବକାର୍ଡଧାରୀ କାମ ପାଇ ନ ଥିବା ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଅତିରିକ୍ତ ବିଡିଓ ରମାକାନ୍ତ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଦେବୀପୁର ଗ୍ରାମର ମୁଖ୍ୟ ସମସ୍ୟା ହେଉଛି ରାସ୍ତା। ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ଖୁବ୍‌ଶୀଘ୍ର ଏମଜିଏନ୍‌ଆରଇଜିଏସ୍ ମାଧ୍ୟମରେ ରାସ୍ତା ମରାମତି ପାଇଁ ଜିଲା ପ୍ରଶାସନକୁ ସୁପାରିଶ କରାଯିବ। ଗମନାଗମନ ସୁବିଧା ହେଲେ ସମସ୍ତ ସମସ୍ୟା ପର୍ଯ୍ୟାୟକ୍ରମେ ଦୂର କରାଯିବ। ଅନ୍ୟପକ୍ଷରେ ଚାନ୍ଦପୁର ସରପଞ୍ଚ ମନୋଜ କୁମାର ସାହୁ କହିଛନ୍ତି, ରାସ୍ତା ସମ୍ପର୍କରେ ବ୍ଲକ୍ ପ୍ରଶାସନକୁ ଜଣାଯାଇଛି। ଅତିଶୀଘ୍ର କାମ ଆରମ୍ଭ ହେବ।

# ବିଜେଡିର ଗୋଷ୍ଠୀକନ୍ଦଳ ସମାଧାନ ପାଇଁ ବୈଠକ

**ଖଲ୍ଲିକୋଟ,୨୯।୯(ଡି.ଏନ୍.ଏ.)**

ଖଲ୍ଲିକୋଟ ବ୍ଲକ ନାରାୟଣୀ ପୀଠ ପରିସରରେ ଶୁକ୍ରବାର ବିଜେଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଧାଶ୍ୟାମ ଦୋରା, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଖୁଣ୍ଟିଆ, ସମ୍ପାଦକ ବ୍ରଜକିଶୋର ସ୍ୱାଇଁ, ଯୁବ ବିଜେଡି ସଭାପତି ଦୟାନିଧି ସାହୁ, ଖଲ୍ଲିକୋଟ ଏନ୍‌ଏସି କାଉନସିଲର ବିପିନ ବିହାରୀ ସାମନ୍ତ, ବରିଷ୍ଠ ବିଜେଡି ନେତା କିଶୋର ପଲେଇ, ଜୟସେନ ଘୋଷ, ସଞ୍ଜୟ ସେଠୀ, ପଦ୍ମନାଭ ସୁବୁଦ୍ଧି, ଯଜ୍ଞନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ବିଜେଡିରେ ଦୀର୍ଘଦିନ ହେଲା ଗୋଷ୍ଠୀ କନ୍ଦଳ ଲାଗି ରହିଥିବାବେଳେ ବିଭିନ୍ନ କାର୍ଯ୍ୟକ୍ରମ ସମାନ୍ତରାଳ ଭାବେ ଅନୁଷ୍ଠିତ ହେଉଛି। ୨୦୧୯ ନିର୍ବାଚନ ପାଇଁ ଏହା ପ୍ରମୁଖ ସମସ୍ୟା ହୋଇଥିବାବେଳେ ଏହାର ସମାଧାନ ପାଇଁ ଦଳୀୟ ନେତା ପ୍ରୟାସ କରିଛନ୍ତି। ବୈଠକରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା ପରେ ଏକ ୧୫ ଜଣିଆ କମିଟି ଗଠନ କରାଯାଇଛି, ଯେଉଁମାନେ ଏହି ସନ୍ତୁଷ୍ଟ ଅସନ୍ତୁଷ୍ଟଙ୍କୁ ନେଇ ମିଳିତ ବୈଠକ ପାଇଁ ପ୍ରୟାସ କରିବେ। କମିଟି ସମସ୍ତ ନିଷ୍ପତ୍ତି ଖଲ୍ଲିକୋଟ ରାଣୀ ଭି. ସୁଜ୍ଞାନ କୁମାରୀ ଦେଓଙ୍କୁ ଅବଗତ କରାଇବାକୁ ସ୍ଥିର ହୋଇଛି। ତାଙ୍କ ମତାମତକୁ ନେଇ ବିଧାୟକ ଓ ରାଣୀଙ୍କ ଉପସ୍ଥିତିରେ ଦଳକୁ ଶୃଙ୍ଖଳିତ କରାଯିବ ବୋଲି କମିଟି ପ୍ରକାଶ କରିଛି। ଆଜିର ଏହି ବୈଠକରେ ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ଶଙ୍କର ନାହାକ, ଆଇନଜୀବୀ ଦିଲିପ ପଟ୍ଟନାୟକଙ୍କ ସମେତ ବହୁ ସରପଞ୍ଚ ଓ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ବ୍ଲକ ଅଧ୍ୟକ୍ଷଙ୍କ ଦ୍ୱାରା ଭତ୍ତା ବଣ୍ଟନ

**ଦିଗପହଣ୍ଡି,୨୯।୯(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କରପଡ଼ା ପଞ୍ଚାୟତ ଦେଓଖାଲି ଗ୍ରାମ ରାଧାକୃଷ୍ଣ ମଣ୍ଡପରେ ଶୁକ୍ରବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରତିନିଧି ବିଶ୍ୱନାଥ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମର ୩୮ ଜଣ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଭତ୍ତା କାର୍ଡ ବଣ୍ଟନ କରିଥିଲେ। ବ୍ଲକ ସରପଞ୍ଚ ସଂଘ ସଭାପତି ହରିବନ୍ଧୁ ରେଡ୍ଡୀ, ପୂର୍ବତନ ସରପଞ୍ଚ ଭଗବାନ ବାଡ଼ତ୍ୟା, ଅସିତ କୁମାର ସାହୁ, ରାଜ କିଶୋର ମହାନ୍ତି, ଜଗନ୍ନାଥ ପ୍ରଧାନ, ହରିଶ୍ଚନ୍ଦ୍ର ପ୍ରଧାନ, ସଞ୍ଜୟ ବେହେରା, ମେଳା ପ୍ରଧାନ ଓ ହରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟଅତିଥିଙ୍କ ଦ୍ୱାରା ଜଣେ ହିତାଧିକାରୀଙ୍କୁ ଭତ୍ତା କାର୍ଡ ବଣ୍ଟନ କରାଯାଉଛି।

# ବିଜେଡିର ନିର୍ବାଚନମଣ୍ଡଳୀ ସ୍ତରୀୟ ମହିଳା ସମାବେଶ



ସମାବେଶରେ ଉପସ୍ଥିତ ମହିଳା

**ବୁଗୁଡ଼ା,୨୯।୯(ଡି.ଏନ.ଏ.)**

ବୁଗୁଡ଼ା ସହରର ବଡ଼ଦାଣ୍ଡରେ ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ପୋଲସରା ନିର୍ବାଚନମଣ୍ଡଳୀ ସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଗଞ୍ଜାମ ଜିଲା ବିଜେଡିର ମହିଳା ସଭାନେତ୍ରୀ ସଂଘମିତ୍ରା ଦଳାଇ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ ସମାବେଶକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ସମ୍ପାଦିକା ପାର୍ବତୀ ସାହୁ, ଆଶା ରାଓ, ରାଜ୍ୟ ମହିଳା ସଭାନେତ୍ରୀ ରେଣୁବାଳା ପ୍ରଧାନ, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା ମାମି ସେନାପତି, ପୋଲସରା ବ୍ଲକ ଉପାଧ୍ୟକ୍ଷା ସଂଯୁକ୍ତା ବାଡ଼ତ୍ୟା, ଜିଲା ପରିଷଦ ସଭ୍ୟା ଭୁବନେଶ୍ୱରୀ ଖଟାଇ ଓ ସସ୍ମିତା ତରାଇ, ବୁଗୁଡ଼ା ବ୍ଲକ ସଭାନେତ୍ରୀ ଜେ. ଶାନ୍ତି କୁମାରୀ ଦୋରା, ଏନ୍‌ଏସି ଉପାଧ୍ୟକ୍ଷ ଚିତ୍ରସେନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟକଙ୍କ ସମେତ ବିଜେଡିର ମହିଳା କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିବା ସହ ମହିଳାଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ମହିଳାମାନଙ୍କୁ କର୍ମକର୍ତ୍ତା ଓ ବିଧାୟକ ଆହ୍ୱାନ ଦେଇଥିଲେ।

# ଆମ ପୋଲିସ ସମିତି ବୈଠକ

**ଶେରଗଡ,୨୯।୯(ଡି.ଏନ୍.ଏ.)**

ଶେରଗଡ ଆମ ପୋଲିସ ସମିତି ବୈଠକ ଗୁରୁବାର ଶେରଗଡ ଥାନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଥାନାଅଧିକାରୀ ବିଶ୍ୱରଞ୍ଜନ ନାୟକ ଅଧ୍ୟକ୍ଷତା କରିଥିଲେ। କିଛି ବର୍ଷ ଧରି ଆମ ପୋଲିସ ସମିତି ହେଲମେଟ ପିନ୍ଧିବା ନେଇ ସଚେତନତା, ଗୁଣିଗାରେଡି, ନାରୀ ନିର୍ଯାତନା ନେଇ ସଚେତନତା କରୁଛି ଏବଂ ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନେଇଛି ବୋଲି ଆଲୋଚନା ହୋଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଗ୍ରାହକମାନେ ହଇରାଣ ହେଉଛନ୍ତି, ଏ ଦିଗରେ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ଶେରଗଡରେ କୌଣସି ବ୍ୟାଙ୍କରେ ଲକର ବ୍ୟବସ୍ଥା ନ ଥିବାବେଳେ ଏନେଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସହ ଭ୍ରାମ୍ୟମାଣ ବ୍ୟାଙ୍କ ସେବା ଦେବାକୁ ସଭ୍ୟମାନେ ଦାବି କରିଥିଲେ। ଗାନ୍ଧୀ ଜୟନ୍ତୀରୁ ପଲିଥିନ ମୁକ୍ତ ନେଇ ଏକ ରାଲି କରାଯିବାକୁ ସ୍ଥିର ହୋଇଥିଲା। ଅତିଥି ଭାବେ ବିଡିଓ ସୁରଞ୍ଜନ କୁମାର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ଆନ୍ଧ୍ରାବ୍ୟାଙ୍କ ପରିଚାଳକ ଓ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ, ବରିଷ୍ଠ ସଭ୍ୟ ସତ୍ୟନାରାୟଣ ପାତ୍ର ଯୋଗ ଦେଇଥିଲେ।

# ପିଡବ୍ଲ୍ୟୁଡି ଅଧୀନକୁ ଗଲା ରାମଚଣ୍ଡୀ ମନ୍ଦିର ରାସ୍ତା

**ଛତ୍ରପୁର,୨୯।୯(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ କରପଡା ପଞ୍ଚାୟତସ୍ଥିତ ପାହାଡ ଉପରେ ଥିବା ରାମଚଣ୍ଡୀ ମନ୍ଦିରକୁ ରାସ୍ତା ନିର୍ମାଣର ବାଟ ଫିଟିଛି। ଏହି ରାସ୍ତାଟି ପଞ୍ଚାୟତିରାଜ ବିଭାଗ ଅଧୀନରେ ଥିଲା। ଏବେ ଏହା ରାଜ୍ୟ ପିଡବ୍ଲ୍ୟୁଡି ବିଭାଗ ଅଧୀନକୁ ଯାଇଛି। ଏ ନେଇ ଗୁରୁବାର ବିଭାଗ ପକ୍ଷରୁ ଏକ ନୋଟିଫିକେଶନ (ନଂ.୧୪୯୧୩) ବାହାରିଛି। ରାମଚଣ୍ଡୀ ମନ୍ଦିରକୁ ଯିବା ପାଇଁ ୩ କି.ମି. ରାସ୍ତା ପିଡବ୍ଲ୍ୟୁଡି ବିଭାଗ ଅଧୀନକୁ ଆସିଛି। ଗଞ୍ଜାମ ରାସ୍ତା ଓ କୋଠାବାଡି ଡିଭିଜନ-୨ ଏହି ରାସ୍ତା ନିର୍ମାଣ କରିବ। ଏଥିପାଇଁ ଏଷ୍ଟିମେଟ୍ କରି ଟେଣ୍ଡର କରିବାକୁ ମନ୍ଦିର କମିଟି ପକ୍ଷରୁ ବିଭାଗକୁ ଅନୁରୋଧ କରାଯାଇଛି। ବର୍ତ୍ତମାନ ପୁରାତନ ମନ୍ଦିରକୁ ଭାଙ୍ଗି ନୂତନ ମନ୍ଦିର ନିର୍ମାଣ ମନ୍ଦିର କମିଟି ପକ୍ଷରୁ କରାଯାଉଛି। ମାତ୍ର ଉକ୍ତ ପୀଠକୁ ଯିବା ପାଇଁ ଭଲ ରାସ୍ତା ନାହିଁ। ଏହି ପୀଠକୁ ବିଭିନ୍ନ ସ୍ଥାନରୁ ଭକ୍ତମାନେ ଆସିଥାନ୍ତି। ରାସ୍ତା ଭଲ ନ ଥିବାରୁ ପୀଠକୁ ଯିବାରେ ଅସୁବିଧା ହେଉଛି। ତତ୍କାଳୀନ ଜିଲାପାଳ କ୍ରିଷନ କୁମାରଙ୍କ ସମୟରେ ଜିଲା କମିଟି ବସି ଉକ୍ତ ରାସ୍ତାକୁ ପଞ୍ଚାୟତିରାଜ ବିଭାଗରୁ ପିଡବ୍ଲ୍ୟୁଡି ବିଭାଗକୁ ନେବା ପାଇଁ ଅନୁମୋଦନ କରିଥିଲା। ଏହି ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲା। ମାତ୍ର ବହୁ ବିଳମ୍ବରେ ହେଲେ ମଧ ଉକ୍ତ ରାସ୍ତାଟି ପିଡବ୍ଲ୍ୟୁଡି ବିଭାଗକୁ ଆସିଛି।

# ପଛରୁ ଠେଲିଲେ ଷ୍ଟାର୍ଟ ହେଉଛି ଆମ୍ବୁଲାନ୍ସ

**ଗଞ୍ଜାମ,୨୯।୯(ଡି.ଏନ.ଏ.)**

ଗଞ୍ଜାମ ବଡ଼ବଜାରରେ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ରୋଗୀଙ୍କୁ ମାଗଣା ସେବା ଯୋଗାଇ ଦେବା ପାଇଁ ସମସ୍ତ ଚିକିତ୍ସାଳୟରେ ୧୦୮ ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। କିନ୍ତୁ କିଛି ଚିକିତ୍ସାଳୟରେ ୧୦୮ ଥିଲେ ମଧ ତାହା ରୋଗୀଙ୍କ ସେବାରେ ଲାଗିପାରୁନି। ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏଠାରେ ଥିବା ଆମ୍ବୁଲାନ୍ସ ଖରାପ ଥିବା ଯୋଗୁ ରୋଗୀଙ୍କୁ ସେବା ଦେବାରେ ବିଫଳ ହୋଇଛି। ରୋଗୀଙ୍କ ଫୋନ୍ କଲ ଆସିଲା ମାତ୍ରେ ୧୦୮ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ପଛରୁ ୧୦୮କୁ ଠେଲି ଷ୍ଟାଟ କରାଯାଉଛି। ଫଳରେ ଠିକ୍ ସମୟରେ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ରୋଗୀଙ୍କ ସମ୍ପର୍କୀୟ ଘରୋଇ ଗାଡ଼ି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏଣୁ ୧୦୮ ଆମ୍ବୁଲାନ୍ସକୁ ତୁରନ୍ତ ସଜାଡ଼ିବା ପାଇଁ ସାଧାରଣରେ ଦାବି ହେଉଛି।



ଗାଡ଼ିକୁ ଠେଲି ଷ୍ଟାଟ କରାଯାଉଛି।

# ବାଲଜ୍ୟୋତି କାର୍ଯ୍ୟକ୍ରମ

**ଆସିକା,୨୯।୯(ଡି.ଏନ୍.ଏ.)**

ଆସିକା ଏକ୍ସବୋର୍ଡ ବାଳିକା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାଲଜ୍ୟୋତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକ ଏହାକୁ ଉଦଘାଟନ କରିଥିଲେ। ବିଇଓ କୃତ୍ତିବାସ ବାରିକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଆସିକା ବ୍ଲକର ୨୭ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଆସିଥିବା ୨୩୦ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୧୯୨ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା ବେଳେ ୧୪ଜଣଙ୍କୁ ଆବଶ୍ୟକ ଔଷଧ ଦିଆଯାଇଥିଲା। ୨୪ ଛାତ୍ରୀଛାତ୍ରଙ୍କୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ସିଟି ହସପିଟାଲକୁ ଯିବା ଲାଗି ପରାମର୍ଶ ଦିଆଯାଇଥିଲା। ଚକ୍ଷୁ ବିଶେଷଜ୍ଞ ସିଲା ସୀତାରାମ, ଗିରିଧାରୀ ଶତପଥୀ, ରଜନୀକାନ୍ତ ସାହୁ, ବିଭୂ ପ୍ରସାଦ ମିଶ୍ର, ନାରାୟଣ ନାୟକ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ପ୍ରଧାନ ଶିକ୍ଷକ ଜୟରାମ ନାୟକ, ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ମନ୍ଦାକିନୀ ରଥ, ହେମନ୍ତ କୁମାର ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି




ଜନ ଶୁଣାଣିରେ ଉପସ୍ଥିତ ଅତିଥିମାନେ।

**ହିଞ୍ଜିଳିକାଟୁ,୨୯।୯(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ବ୍ଲକ ସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନ୍‌ଆରଇଜିଏସ) ଜନ ଶୁଣାଣୀ ଶୁକ୍ରବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଉପ ଜିଲାପାଳ ଦେବବ୍ରତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଏନ୍ ରଘୁନାଥ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ଏବିଡ଼ିଓ ଧରଣୀଧର ଭୂୟାଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ହେମନ୍ତ କୁମାର ହୋତା, ଜିଲା ସମୀକ୍ଷକ ରବୀନ୍ଦ୍ର କୁମାର ମଲାଣ ପ୍ରମୁଖ ଯୋଗ ଦେଇଥିଲେ। ସେପ୍ଟମ୍ବର ୨୦୧୭ ରୁ ମାର୍ଚ୍ଚ୨୦୧୮ ମଧ୍ୟରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଏହି ଯୋଜନାର କାର୍ଯ୍ୟ ଗୁଡ଼ିକର ସମୀକ୍ଷା ହୋଇଥିଲା। ଜିଆରଏସ ମାନେ ନିଜ ପଞ୍ଚାୟତରେ ହୋଇଥିବା ଏମଜିଏନ୍‌ଆରଇଜିଏସ କାର୍ଯ୍ୟର ବିସ୍ତୃତ ବିବରଣୀ ରଖିଥିଲେ। ପରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ହୋତା ବ୍ଲକର ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବଧି ମଧ୍ୟରେ ବ୍ଲକରେ ୨ଲକ୍ଷ ୧୮ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଛି। ୫୨୪ ପରିବାରକୁ ଶହେ ଦିନର କାମ ଦିଆଯାଇଛି। ବ୍ଲକରେ ରେଜିଷ୍ଟ୍ରିଭୁକ୍ତ ୧୯ହଜାର ୨୮୧ ପରିବାର ମଧ୍ୟରୁ କାର୍ଯ୍ୟ ପାଇଁ ଆବେଦନ କରିଥିବା ସମସ୍ତ ୩ହଜାର ୮୮୦ ପରିବାରକୁ ଏହି ଯୋଜନାରେ କାର୍ଯ୍ୟ ପ୍ରଦାନ କରାଯାଇଛି, ମୋଟ ୪କୋଟି ୯୪ଲକ୍ଷ ୨୮ହଜାର ଟଙ୍କା ବିନିଯୋଗ କରାଯାଇଥିବା ସୂଚିତ କରାଯାଇଛି। ବ୍ଲକ ଏମଜିଏନ୍‌ଆରଇଜିଏସ ସେଲର ତତ୍ତ୍ୱାବଧାରକ ବିଶ୍ୱନାଥ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସହ ବହୁ ଜନସାଧାରଣ ଅଂଶ ଗ୍ରହଣ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ରବିବାର, ସେପ୍ଟେମ୍ବର ୩୦/୨୦୧୮ Berhampur, Sunday, September, 30/ 2018

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

ବୁଗୁଡ଼ା,୨୯।୯(ଡି.ଏନ.ଏ.)-ବୁଗୁଡ଼ା ଥାନା ବି.କରଡ଼ାବାଡ଼ି ଗ୍ରାମରେ ଶନିବାର ଜନୈକ ବ୍ୟକ୍ତି ପୋଖରୀରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବି.କରଡ଼ାବାଡ଼ି ଗ୍ରାମର ଚନ୍ଦ୍ରମଣି ନାୟକ (୫୩)। ପ୍ରକାଶ ଯେ, ଚନ୍ଦ୍ରମଣି ଶନିବାର ବି.କରଡ଼ାବାଡ଼ି ଗ୍ରାମର ରାସ୍ତା ପାଖରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ସେ ଫେରିବାରେ ବିଳମ୍ବ ହେବା ଯୋଗୁ ତାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି ପରେ ପୋଖରୀରେ ଭାସୁଥିବାର ଦେଖିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଝିଅର ବାପା ଦେଲେ ଥାନାରେ ଏତଲା

କୋଦଳା,୨୯।୯(ଡି.ଏନ.ଏ.)

ଗଞ୍ଜାମ ଜିଲା କୋଦଳା ଥାନା ବିଲିଗଡ଼ା ଗ୍ରାମରେ ଶନିବାର ଅପରାହ୍ନରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଗଣେଶ ସ୍ୱାଇଁଙ୍କ ସ୍ତ୍ରୀ ଗଜିନୀ (୨୩)। ସୂଚନାଯୋଗ୍ୟ, ବେଗୁନିଆପଡ଼ା ଜଗତି ସାହିର ଦୁର୍ଯ୍ୟୋଧନ ପ୍ରଧାନଙ୍କ କନ୍ୟା ଗଜିନୀ ବୈଦିକ ରୀତିରେ ଗତ ୩ବର୍ଷ ହେବ ବିଲିଗଡ଼ା ଗ୍ରାମର ଗନ୍ଧିଆ ସ୍ୱାଇଁଙ୍କ ପୁଅ ଗଣେଶଙ୍କୁ ବିବାହ କରିଥିଲେ। ଏହା ମଧ୍ୟରେ ଗଜିନୀଙ୍କ ଏକ ଶିଶୁପୁତ୍ର ଥିବା ବେଳେ ସ୍ୱାମୀ ଗଣେଶ ଚେନ୍ନାଇରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ଏହାର ସୁଯୋଗ ନେଇ ଶାଶୁ ଝିଲି, ଶ୍ୱଶୁର ଗନ୍ଧିଆ ମିଶି ଗଜିନୀଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ। କିନ୍ତୁ ଶନିବାର ହଠାତ ଝିଅର ମୃତ୍ୟୁ ଖବର ପାଇ ଗଜିନୀଙ୍କ ବାପା ଦୁର୍ଯ୍ୟୋଧନ ପହଞ୍ଚି ସନ୍ଧ୍ୟାରେ ଝିଅକୁ ହତ୍ୟା କରାଯାଇଥିବା ଥାନାରେ ଏତଲା ଦେଇଥିଲେ। ଏନେଇ କୋଦଳା ଥାନାରେ ନଂ. ୨୧୯/୧୮ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

# ବନ୍ଧୁକ ଦେଖାଇ ଡକାୟତି ଯୋଜନା ପଣ୍ଡ

ଭଞ୍ଜନଗର,୨୯।୯(ଡି.ଏନ.ଏ)

ତାରସିଂ ଥାନା ଗାଲେରୀ ବଜାରରେ ଘର କରି ବ୍ୟବସାୟ କରୁଥିବା ନରେନ୍ଦ୍ର ନାୟକଙ୍କ ଘରେ ଶନିବାର ରାତି ପ୍ରାୟ ୭ଟାରେ ଦୁର୍ବୃତ୍ତମାନେ ପଶି ଡ଼କାୟତି ଉଦ୍ୟମ କରିଥିଲେ। କିନ୍ତୁ ନରେନ୍ଦ୍ରଙ୍କ ସ୍ତ୍ରୀଙ୍କ ସାହାସିକତା ଯୋଗୁ ଦୁର୍ବୃତ୍ତଙ୍କ ଯୋଜନା ପଣ୍ଡ ହୋଇଛି। ନିରାଶ ହୋଇ ସେମାନେ ଖାଲି ହାତରେ ଫେରିଯାଇଥିଲେ। ଖବରପାଇ ଗାଲେରୀ ଫାଣ୍ଡି ଅଧିକାରୀ ଏ.କେ. ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଦୁର୍ବୃତ୍ତମାନେ ବ୍ରାହ୍ମଣପଦର ଜଙ୍ଗଲ ରାସ୍ତାରେ ଫେରାର ହୋଇଯାଇଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ଚଢାଉ ଜାରି ରଖିଛି। ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ଗାଲେରୀ ଅଞ୍ଚଳରେ ବିଦ୍ୟୁତ୍ ନଥିଲା। ଏହାର ସୁଯୋଗ ନେଇ ପିତ୍ତଳ କଂସାବାସନ ଦୋକାନ କରିଥିବା ନରେନ୍ଦ୍ର ଘର ଭିତରେ ଥିଲେ ଓ ସ୍ତ୍ରୀ ଘର ସମ୍ମୁଖରେ ବସିଥିଲେ। ଏହି ସମୟରେ ୪ଜଣ ଯୁବକ ୨ଟି ବାଇକ୍‌ରେ ଆସି ଦୋକାନ ଭିତରେ ପଶିଥିଲେ। ଏନେଇ ନରେନ୍ଦ୍ରଙ୍କ ସ୍ତ୍ରୀ ବିରୋଧ କରିଥିଲେ। ଫଳରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ନରେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ଭୟଭୀତ କରିଥିଲେ। ପାଟି କଲେ ବୋମା ମାଡ଼ କରିବାକୁ ଧମକ ଦେଇଥିଲେ। କିନ୍ତୁ ନରେନ୍ଦ୍ରଙ୍କ ସ୍ତ୍ରୀ କିଛି ନ ଶୁଣି ଦାଣ୍ଡକୁ ଆସି ପାଟି କରିଥିଲେ। ଲୋକେ ରୁଣ୍ଡ ହେବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ନରେନ୍ଦ୍ର ଘର ସମ୍ମୁଖରେ କଂସାବାସନ ବିକ୍ରି କରନ୍ତି ଏବଂ ବୁଲି ବୁଲି ସୁନା ରୂପା ବ୍ୟବସାୟ ମଧ୍ୟ କରୁଥିଲେ। ଘରେ ଅଳଙ୍କାର ଥିବା ଆଶାରେ ଦୁର୍ବୃତ୍ତମାନେ ଡ଼କାୟତି ଯୋଜନା କରିଥିଲେ।

# ୩ ଦୁର୍ଘଟଣାରେ ୫ ଆହତ

ଭଞ୍ଜନଗର,୨୯।୯(ଡି.ଏନ.ଏ.)


ଲଣ୍ଡେଇସାହି ଛକରେ ଦୁର୍ଘଟଣାଗ୍ରସ୍ତ ବାଇକ।

ଭଞ୍ଜନଗର ଥାନା ଅଞ୍ଚଳରେ ଶନିବାର ୩ଟି ବାଇକ୍ ଦୁର୍ଘଟଣାରେ ୫ଜଣ ଆହତ ହୋଇଛନ୍ତି। ଆହତମାନେ ଭଞ୍ଜନଗର ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ କୈଳାସ ନାୟକ, ବାବୁଲି ନାୟକ, ଭାସ୍କର ବେହେରା, ଜିତୁ ବେହେରା, ରାମଚନ୍ଦ୍ର ନାୟକ। କୈଳାସଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ପ୍ରଥମ ଦୁର୍ଘଟଣାଟି ଡ଼ିହପଡ଼ାଳ ଠାରେ ହୋଇଥିଲା। ରାମଚନ୍ଦ୍ର ନିଜ ବାଇକ୍ ଧରି ଭଞ୍ଜନଗର ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଦ୍ୱିତୀୟ ଦୁର୍ଘଟଣାଟି ଲଣ୍ଡେଇସାହି ଛକରେ ହୋଇଥିଲା। ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଯୋଗୁ ବାବୁଲି ଓ କୈଳାସ ଆହତ ହୋଇଥିଲେ। ୩ୟ ଦୁର୍ଘଟଣାଟି କୁଲାଡ଼ ନିକଟରେ ହୋଇଥିଲା। ଏଥିରେ ଭାସ୍କର ଓ ଜିତୁ ଆହତ ହୋଇଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ ଅଫିସ, ୨୯।୯

ବିବାହ ପ୍ରଲୋଭନ ଦେଖାଇ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ମାମଲାର ରାୟ ଶନିବାର ପ୍ରକାଶ ପାଇଛି । ଫୁଲବାଣୀ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ସୁଶାନ୍ତ ପଟେଲ ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ଅଧିକ ୩ ବର୍ଷ ୪ ମାସ ଜେଲ ଭୋଗିବାକୁ ପଡିବ । ଜରିମାନା ବାବଦ ଟଙ୍କା ପୀଡିତାଙ୍କୁ ପ୍ରଦାନ କରାଯିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ଜଣକ ହେଲେ ରାଇକିଆ ଥାନା ଗୁଡ଼ିବାଡା ଗ୍ରାମର ବିଶ୍ୱ ଦିଗାଲ ଓରଫ ବିଶ୍ୱାମିତ୍ର ନାୟକ । ୨୦୧୪ ଅକ୍ଟୋବର ୨୦ରେ ସାରଙ୍ଗଡ ଥାନା ଅଞ୍ଚଳର ଜଣେ ନାବାଳିକା ତଥା ୧୦ମ ଶ୍ରେଣୀ ଛାତ୍ରୀ ସ୍କୁଲକୁ ଯାଉଥିବା ବେଳେ ବିଶ୍ୱାମିତ୍ର ଏକ ଟାଟା ମ୍ୟାଜିକରେ ଆସି ତାଙ୍କୁ ନିଜ ଘରକୁ ଉଠାଇ ନେଇଥିଲେ। ସେଠାରେ ବିବାହ ପ୍ରଲୋଭନ ଦେଖାଇ ବାରମ୍ବାର ବଳାତ୍କାର କରିଥିଲେ । ନାବାଳିକାଙ୍କ ମା' ଘଟଣା ସମ୍ପର୍କରେ ସାରଙ୍ଗଡ ଥାନାରେ ନଭେମ୍ବର ୬ ରେ ଏତଲା ଦେଇଥିଲେ । ପୋଲିସ ସେଠାକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିବା ସହ ବିଶ୍ୱାମିତ୍ରଙ୍କୁ ଗିରଫ କରି ନଂ. ୮୭/୧୪ରେ ମାମଲା ରୁଜୁ କରିଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ ।

# ଟ୍ରେନରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ

ବେଗୁନିଆପଡ଼ା, ୨୯।୯ (ଡି.ଏନ.ଏ.)

ବେଗୁନିଆପଡ଼ା ଫାଣ୍ଡି ଏସ୍.ଛଟିନା ପଞ୍ଚାୟତ ମଠବରିଡ଼ା ଗ୍ରାମର ଜଣେ ଯୁବକ ଦାଦନ ଖଟିବାକୁ ଯାଇ ଗ୍ରାମକୁ ଫେରୁଥିବା ବେଳେ ଟ୍ରେନରୁ ଖସି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ କାଳିଆ ଦାସ (୪୭)। କାଳିଆ କିଛିଦିନ ତଳେ ଜଣେ ଠିକାଦାରଙ୍କ ସହ ଗୁଜରାଟର ସୁରଟକୁ କାମ କରିବା ପାଇଁ ଯାଇଥିଲେ। ସେ ଗ୍ରାମକୁ ଫେରୁଥିବା ବେଳେ ଗତ ୨୮ ତାରିଖରେ ଅନୁଗୋଳଠାରେ ଟ୍ରେନରୁ ଖସି ପଡ଼ି ମୃତ୍ୟୁବରଣ କରିଛନ୍ତି। ରେଳବାଇ ପୋଲିସ କାଳିଆଙ୍କ ମୃତଦେହ ଅନୁଗୋଳ ମେଡିକାଲକୁ ନେବା ସହ ତାଙ୍କ ପରିବାରକୁ ଫୋନରେ ଜଣାଇଥିଲେ। ଖବର ପାଇ କାଳିଆଙ୍କ ସ୍ତ୍ରୀ ବଙ୍ଗାଳି ଦାସ ଏହି ଗ୍ରାମର ଛବିତା ଦାସ, ସୀମା ଦାସ ଓ ବନମାଳୀ ଦାସଙ୍କୁ ଧରି ମେଡିକାଲ ଯାଇଥିଲେ। ଅନୁଗୋଳ ପୋଲିସ ନଂ. ୧୨୬/୧୮ରେ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିଥିଲା। ରବିବାର କାଳିଆଙ୍କ ମୃତଦେହ ଧରି ବଙ୍ଗାଳି ଓ ପରିବାର ଲୋକେ ବେଗୁନିଆପଡ଼ା ଫାଣ୍ଡିରେ ପହଞ୍ଚିଥିଲେ। କାଳିଆଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ମୃତ ସଂସ୍କାର ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ବହନ କରିବାକୁ କହିଥିଲେ। ଖବର ଲେଖା ହେବା ସୁଦ୍ଧା ମୃତଦେହ ଫାଣ୍ଡି ପାଖରେ ରଖି ପରିବାର ବସିଥିଲେ।

# ବଜ୍ରପାତରେ ୪ ଗୋରୁ ମୃତ, ମହିଳା ଆହତ

ଭଞ୍ଜନଗର,୨୯।୯(ଡି.ଏନ.ଏ.)

ଭଞ୍ଜନଗର ଅଞ୍ଚଳରେ ଶନିବାର ରାତିରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ବଜ୍ରପାତରେ ବୁଢୁଲିର ଜଣେ ମହିଳା ଆହତ ହୋଇଛନ୍ତି। ସେ ହେଲେ ରଜନୀ ଗୌଡ଼। ବଜ୍ରପାତରେ ତାଙ୍କର ୪ଟି ଗୋରୁ ଓ ଗୋଟିଏ ଛେଳିର ମୃତ୍ୟୁ ଘଟିଛି। ରଜନୀଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରକାଶଯେ, ରଜନୀ ଗାଈ କୁଆଁର କାଜୁ ତୋଟା ନିକଟରେ ପକାଇଛନ୍ତି। ରାତିରେ ଗାଈ ଓ ଛେଳିଙ୍କୁ ଖାଇବାକୁ ଦେବାକୁ ଯାଇଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ।

## ୯ଦିନରେ କଣ୍ଟାପିଢ଼ା ଯାତ୍ରା

# ମନ ମୋହୁଛି ବିଭିନ୍ନ ବେଶ, ନୃତ୍ୟ



କୁନି କଳାକାରଙ୍କ ନୃତ୍ୟ ପରିବେଷଣ

ସୋରଡା,୨୯।୯(ଡି.ଏନ୍.ଏ.)

ନବମ ଦିନରେ ପହଞ୍ଚିଛି କଣ୍ଟାପିଢା ଯାତ୍ରା। ସହରରେ ପାରମ୍ପରିକ ବାଘବେଶ, ପିଲାଖାଇ ଡାହାଣୀ, କୃଷ୍ଣବେଶରେ ମାନସିକଧାରୀମାନେ ନଗର ଭ୍ରମଣ କରୁଛନ୍ତି। ବଡଦାଣ୍ଡରେ ଫୁଲ ବ୍ୟବସାୟୀଙ୍କ ପସରା ଯାତ୍ରୀମାନଙ୍କୁ ଆକୃଷ୍ଟ କରିଛି। ଶଶିଭୂଷଣ ଖେଳ ପଡିଆରେ ରାମଦୋଳି, ମୀନାବଜାରରେ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ରଥପଦାଠାରେ କନ୍ଧୁଣୀ ଦେବୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମମତା ସେବାଶ୍ରମର ଯୋଗ ସଚେତନତା ସହ ଶିବିରାର୍ଥୀମାନଙ୍କ ଦ୍ୱାରା ଯୋଗ ପ୍ରାଣାୟମ ଶିକ୍ଷା କାର୍ଯ୍ୟକ୍ରମ କରାଯାଉଛି। ଗୁରୁ ଆଦିତ୍ୟ ଶତପଥୀଙ୍କ ସଂଯୋଜନାରେ ୧୫ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଯୋଗକଳା ପ୍ରଦର୍ଶନ ସହ ଏହାର ଆବଶ୍ୟକତା ଉପରେ ଶିକ୍ଷା ପ୍ରଦାନ କରିଥିଲେ। ପରେ କୁନି କୁନି ଶିଶୁମାନଙ୍କ ଦ୍ୱାରା ନୃତ୍ୟ, ସମ୍ବଲପୁରୀ, ଓଡିଶୀ ଓ ବ୍ରେକ୍ ଡ୍ୟାନ୍ସ ପରିବେଷଣ ହୋଇଥିଲା। ସମ୍ପାଦକ ଦୁର୍ଗାଚରଣ ଶତପଥୀ, କୈଳାସ ପଣ୍ଡା, ଟୁପୁଲା ମହାପାତ୍ରଙ୍କ ସମେତ ବହୁ ଯୁବକ ପରିଚାଳନା କରିଥିଲେ। ଥାନା ଅଧିକାରୀ ପ୍ରଭାତ ସାହୁ ଶାନ୍ତିଶୃଙ୍ଖଳା ରକ୍ଷା କରିଥିବାବେଳେ ଆମ ପୋଲିସ ସମିତି ପକ୍ଷରୁ ପ୍ରସାଦ ବଣ୍ଟା ଯାଇଥିଲା।

## ଘରେ ପଶି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

# ଅଭିଯୁକ୍ତଙ୍କୁ ଛେଚିଲେ ଲୋକେ

ଦିଗପହଣ୍ଡି,୨୯।୯(ଡି.ଏନ.ଏ.)

ଦିଗପହଣ୍ଡି ଅଞ୍ଚଳକଲୋନୀ ନିଳାଦ୍ରୀ ବିହାରରେ ରହୁଥିବା ଜଣେ ମହିଳାଙ୍କୁ ଘରେ ପଶି ଜଣେ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତ ମହିଳା ଜଣକ ହେଲେ ବ୍ୟବସାୟୀ ସୀମାଞ୍ଚଳ ପାତ୍ରଙ୍କ ସ୍ତ୍ରୀ। ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ପୁଞ୍ଜିକୟାଁ ଛକ ପୋଡ଼ାମାରି ରୋଡରେ ରହୁଥିବା ସୁନୀଲ କୁମାର ସାହୁ ନାମକ ଜଣେ ଯୁବକ ସୀମାଞ୍ଚଳଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ଖବର ପାଇ ସୀମାଞ୍ଚଳ ଘରେ ପହଞ୍ଚିବା ପରେ ସୁନୀଲ ତାଙ୍କୁ ମଧ ମାଡ଼ ମାରିଥିଲେ। ପରେ ଘଟଣାସ୍ଥଳରୁ ଚମ୍ପଟ ମାରିବାକୁ ଉଦ୍ୟମ ବେଳେ ଆଖପାଖ ଲୋକେ ଘେରିଯାଇ ସୁନୀଲଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥିବା ଜଣାପଡ଼ିଛି। ଦିଗପହଣ୍ଡି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତ ମହିଳାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମହିଳାଙ୍କ ବେକରେ ଗଭୀର କ୍ଷତ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ସୀମାଞ୍ଚଳଙ୍କ ଏତଲାକ୍ରମେ ପୋଲିସ ନଂ.୧୬୭/୧୮ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଛି। ପୋଲିସ ଅଭିଯୁକ୍ତ ସୁନୀଲଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇବା ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରିଛି। କରଜ ଟଙ୍କା ପରିଶୋଧକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଜଗନ୍ନାଥପ୍ରସାଦ, ୨୯।୯ (ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ବ୍ଲକ ହେଡକ୍ୱାଟର କଇଁଠପଲ୍ଲୀ ସାହିର ଶତାଧିକ ଲୋକ ଶନିବାର ବିଡିଓଙ୍କୁ ଭେଟି ସାହିର ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଇଁଠପଲ୍ଲୀ ସାହିର କଂକ୍ରିଟ ରାସ୍ତା ପ୍ରାୟ ୨୫ ବର୍ଷ ତଳେ ନିର୍ମାଣ ହୋଇଥିଲା। ଯାହା ଗତ ଦୁଇବର୍ଷ ହେଲା ସିମେଣ୍ଟ ଗୋଡ଼ି ଉଠି ଛୋଟ ବଡ଼ ଖାଲ ସୃଷ୍ଟି ହୋଇଛି। ରୋଡକୁ ଲାଗି ଥିବା ଡ୍ରେନଟି ଭାଙ୍ଗିଯାଇ ନାଳ ମଇଳା ପାଣି ସହ ପାଇଖାନାର ଦୂଷିତ ପାଣି ରାସ୍ତା ଉପରେ ଭାସୁଛି। ଫଳରେ ଲୋକଙ୍କ ଯାତାୟାତ ବେଳେ ବହୁ ସମସ୍ୟା ସୃଷ୍ଟି ହେଉଛି। ଏହି ସମସ୍ୟା ନେଇ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଯୋଗୁ ସାହି ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସାହି କମିଟି ସଭାପତି ଅଶୋକ ପ୍ରଧାନ କହିଛନ୍ତି, ପୂର୍ବତନ ବିଡିଓଙ୍କୁ ଏନେଇ ଜଣାଇଥିଲୁ ଏବଂ ଜଣେ କନିଷ୍ଠ ଯନ୍ତ୍ରୀ ସାହିକୁ ଆସି ଉଭୟ ପାର୍ଶ୍ୱକୁ ପାମଜ୍ଜୁପ କରି ବର୍ତ୍ତମାନ ଯାଏ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ଆଣିଛନ୍ତି। ଏନେଇ କୌଣସି ସୁଫଳ ନ ମିଳିବା କାରଣରୁ ଗତ ଶୁକ୍ରବାର ରାତି ୮ଟାରେ ସାହି କମିଟି ପକ୍ଷରୁ ଶତାଧିକ ଲୋକ ମା' କାଳୀ ମନ୍ଦିରରେ ଏକତ୍ରିତ ହୋଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସାହି କମିଟି ସଭାପତି କବିରାଜ ବେହେରା, ଉପସଭାପତି ଖଦାଳ ପ୍ରଧାନ, ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନଙ୍କ ଉପସ୍ଥିତିରେ ଶନିବାର ବିଡିଓଙ୍କୁ ସମସ୍ୟା ନେଇ ଲିଖିତ ଭାବେ ଜଣାଇବାକୁ ସ୍ଥିର ହୋଇଥିଲା। ଶନିବାର ପୂର୍ବାହ୍ନରେ ସାହିବାସିନ୍ଦା ବ୍ଲକକୁ ଯାଇ ବିଡିଓ ଅଶୋକ କୁମାର ବେହୁରିଆଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।










2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ